## ଆଜି କ'ଣ କେଉଁଠି

**୨୭।୧୦।୨୦୧୯ (ରବିବାର)**
- ମା' ଶ୍ୟାମାକାଳୀ ପୂଜା। ସ୍ଥାନ- ବୁଗୁଡ଼ା ଏବଂ ଗୋଲିଆ, ସମୟ- ସନ୍ଧ୍ୟା ୭ଟା।

**୨୮।୧୦।୨୦୧୯ (ସୋମବାର)**
- ବୁଦ୍ଧଖୋଲରେ ଭକ୍ତ ସମାବେଶ। ସ୍ଥାନ- ବୁଦ୍ଧଖୋଲ, ବୁଗୁଡ଼ା, ସମୟ- ସକାଳ ୬ଟା।

**୨୯।୧୦।୨୦୧୯ (ମଙ୍ଗଳବାର)**
- ଯଜ୍ଞ ପୂର୍ଣ୍ଣାହୁତି । ସ୍ଥାନ-ଗୋଲିଆ, ସମୟ- ସନ୍ଧ୍ୟା ୭ଟା।

**୩୦।୧୦।୨୦୧୯ (ବୁଧବାର)**
- ମା'ଙ୍କ ଆଳତି ଗ୍ରାମ ପରିକ୍ରମା ହେବ। ସ୍ଥାନ- ଗୋଲିଆ, ସମୟ- ସନ୍ଧ୍ୟା ୭ଟା।

**୩୧।୧୦।୨୦୧୯ (ଗୁରୁବାର)**
- ମୋ ଗାଁରେ ତହସିଲ ଓ ମୋ ନିବେଦନ କାର୍ଯ୍ୟକ୍ରମ। ସ୍ଥାନ-ପାଙ୍ଗିଡ଼ି, ସମୟ- ସକାଳ ୯ଟା।
- ଭିଜିଲାନ୍ସ ସଚେତନତା ସପ୍ତାହ। ସ୍ଥାନ- ଆରଡିସି କାର୍ଯ୍ୟାଳୟ, ସମୟ-ଅପରାହ୍ନ ୧୨ଟା ୩୦ ମିନିଟ୍।

**୨।୧୧।୨୦୧୯ (ଶନିବାର)**
- ଶିକ୍ଷକ ଅଭିଭାବକ ବୈଠକ। ସ୍ଥାନ- ନ୍ୟୁଏରା ପବ୍ଲିକ ସ୍କୁଲ ବୁଗୁଡ଼ା, ସମୟ- ଅପରାହ୍ନ ୩ଟା।

# କାଳୀ ପୂଜାକୁ ନେଇ ବ୍ରହ୍ମପୁର ଚଳଚଞ୍ଚଳ

**ବ୍ରହ୍ମପୁର ଅଫିସ,୨୬।୧୦:** ଆନନ୍ଦ ଓ ଆଲୋକର ପର୍ବ ଦୀପାବଳି ରବିବାର। ଏହାର ଦିନକ ପୂର୍ବରୁ ଚଳଚଞ୍ଚଳ ହୋଇଉଠିଛି ରେଶମନଗରୀ ବ୍ରହ୍ମପୁର। ଅନ୍ୟପଟରେ ଦୀପାବଳିରୁ ସହରରେ ବିଭିନ୍ନ ପୂଜା ମଣ୍ଡପରେ ମା' ଶ୍ୟାମାକାଳୀଙ୍କ ପୂଜା ପାଇଁ ପ୍ରସ୍ତୁତି ଶନିବାର ଶେଷ ହୋଇଛି । ଚଳିତ ବର୍ଷ ସହରରେ ୪ ପ୍ରମୁଖ ତଥା ବୃହତ୍ ପୂଜା ମଣ୍ଡପରେ ମା' ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହେଉଛି । ମା' ଦକ୍ଷିଣ କାଳୀ ପୂଜା କମିଟି ପକ୍ଷରୁ ନୂଆବସ୍‌ଷ୍ଟାଣ୍ଡ ରୋଡ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ୬ଷ୍ଠ ଥର ପାଇଁ ଆୟୋଜିତ ପୂଜା ମଣ୍ଡପର ୧୦୦ ଫୁଟ ଓସାର ଓ ୭୦ଫୁଟ ଉଚ୍ଚତାର ବାଙ୍ଗାଲୋର ଭାନୁମତୀ ପ୍ୟାଲେସ ତୋରଣ ସହରର ବୃହତ୍ତ ଓ ମୁଖ୍ୟ ଆକର୍ଷଣ ହୋଇଛି । ଏଠାର ମୂର୍ତ୍ତିର ଉଚ୍ଚତା ୨୨ ଫୁଟ ରହିଥିବା ବେଳେ ବିଷ୍ଣୁଙ୍କର ୧୦ ଅବତାର କଳାକୁଞ୍ଜ ମଣ୍ଡପର ଅନ୍ୟତମ ଆକର୍ଷଣ ସାଜିବ। ଦ୍ୱିତୀୟ ବର୍ଷରେ ପହଞ୍ଚିଥିବା ଶିଳ୍ପାଞ୍ଚଳ ସୁବାସ ନଗରର ଶ୍ୟାମାକାଳୀ ଯୁବକ ସଂଘ ଦ୍ୱାରା ଆୟୋଜିତ ମଣ୍ଡପର ମୂର୍ତ୍ତି ଉଚ୍ଚତା ୧୧ ଫୁଟ ରହିଛି । ଦର୍ଶକଙ୍କୁ ଆକର୍ଷିତ କରିବାକୁ ୧୫.୫ ଫୁଟ ଉଚ୍ଚତା ଓ ୧୩ ଫୁଟ ଓସାର ରାଜମହଲ ଢାଞ୍ଚାର ତୋରଣ ନିର୍ମାଣ କରାଯାଇଛି । ଅନ୍ୟପଟରେ ଜିଲା ତଥା ରାଜ୍ୟରେ କାଳୀପୂଜା ପାଇଁ ଚର୍ଚ୍ଚିତ ତଥା ପ୍ରସିଦ୍ଧି ଲାଭ କରିଥିବା ଖୋଡାସିଙ୍ଗିରେ ଚଳିତ ବର୍ଷ ପୁନର୍ବାର ପୂଜା ଆରମ୍ଭ ହୋଇଛି । ଖୋଡାସିଙ୍ଗି କାଳୀପୂଜା ପରମ୍ପରାକୁ ପୁନରୁଜ୍ଜୀବିତ କରିବାକୁ ଆଗେଇ ଆସିଛନ୍ତି ଶ୍ୟାମାକାଳୀ ଯୁବକ ସଂଘ ଓ ବ୍ୟବସାୟୀ ସଂଘ । ଉଭୟ ସଂଘ ପକ୍ଷରୁ ଦୀର୍ଘ ୫ ବର୍ଷ ପରେ ଆରମ୍ଭ ହୋଇଥିବା ଏହି ପୂଜା ମଣ୍ଡପରେ ୬୫ ଫୁଟ ଉଚ୍ଚତା ଓ ୬୦ ଫୁଟ ଓସାର ତାମିଲନାଡୁ ଭେଙ୍କଟେଶ୍ୱର ମନ୍ଦିର ଢାଞ୍ଚାର ତୋରଣ ମୁଖ୍ୟ ଆକର୍ଷଣ ସାଜିଛି । ଏହା ବ୍ୟତୀତ ବଡବଜାର ପରିବା ମାର୍କେଟ, ବ୍ୟାଙ୍କ କଲୋନୀ, ମିଲିଟାରୀ ଲାଇନ୍‌ସ୍ଥିତ ବଙ୍ଗାଳୀ ସାହି, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଆଦି ବଙ୍ଗୀୟ ସମିତି ପକ୍ଷରୁ ମଧ କାଳୀ ପୂଜା ଶନିବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଛି । ଶନିବାର ଅପରାହ୍ନରେ ଉପରୋକ୍ତ ସମସ୍ତ ମଣ୍ଡପରେ କୁମ୍ଭ ସ୍ଥାପନ କରାଯିବା ପରେ ବିଳମ୍ବିତ ରାତ୍ରିଠାରୁ ମା'ଙ୍କୁ ଆବାହନ କରାଯାଇଥିଲା ।

## ଆଜି ଆଲୋକର ପର୍ବ ଦୀପାବଳି

- ୧୨ ବର୍ଷ ପରେ ପୁଣି ଝଲସିବ ଖୋଡାସିଙ୍ଗି କାଳୀପୂଜା
- ୭୦ ଫୁଟ ଉଚ୍ଚ ଭାନୁମତୀ ପ୍ୟାଲେସ ମୁଖ୍ୟ ଆକର୍ଷଣ



### ଆଖୁ, କାଉଁରିଆ କାଠି ପରମ୍ପରା

ଏହି ପର୍ବରେ କାଉଁରିଆ କାଠି ଓ ଆଖୁର ବହୁ ପୁରୁଣା ପରମ୍ପରା ରହିଆସୁଛି। ଏଥିପାଇଁ ଶନିବାରରେ ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ଆଖୁ ଓ କାଉଁରିଆ କାଠି ପସରା ଦେଖିବାକୁ ମିଳିଛି । ଆସିକା, ହିଞ୍ଜିଳିକାଟୁ ଅଞ୍ଚଳରୁ କାଉଁରିଆ କାଠି ଓ ଆନ୍ଧ୍ରପ୍ରଦେଶରୁ ଆଖୁ ଆଣି ବହୁ ବ୍ୟବସାୟୀ ସହରର କମାପଲ୍ଲୀ ଛକ, ଗେଟବଜାର, ଗିରିମାର୍କେଟ ଛକ ଓ ବଡବଜାର ଅଞ୍ଚଳରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି । ତେବେ ହିନ୍ଦୁ ପରମ୍ପରା ଅନୁଯାୟୀ, ଦୀପାବଳିରେ ଘରେ ଘରେ ପିତୃ ଶ୍ରାଦ୍ଧ ହେବାର ବିଧି ରହିଛି। ଏହି ଶ୍ରାଦ୍ଧରେ ପିତୃପୁରୁଷଙ୍କୁ ପିଣ୍ଡ ଦାନ କରାଯିବାର ମଧ ପରମ୍ପରା ରହିଛି।

### ୫ ବର୍ଷ ପୂର୍ବର ଖୋଡାସିଙ୍ଗି କାଳୀପୂଜା

କାଳୀପୂଜାରେ ଜିଲା ତଥା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିଲା ବ୍ରହ୍ମପୁର ଖୋଡାସିଙ୍ଗି ଅଞ୍ଚଳ । ୧୩ ବର୍ଷ ଧରି ଏହି ଅଞ୍ଚଳ କାଳୀପୂଜା ପାଇଁ ଖ୍ୟାତି ଲାଭ କରିଥିଲା। ଅଞ୍ଚଳର ବନମାଳୀ ସେଠୀଙ୍କ କହିବାନୁସାରେ, ପୂର୍ବେ ଖୋଡାସିଙ୍ଗି ଅଞ୍ଚଳ ଅଲେଖ ମହିମା ଧର୍ମାବଲମ୍ବୀଙ୍କ ଗାଁ ରହିଥିଲା। ଏହି କାରଣରୁ ଗ୍ରାମବାସୀଙ୍କ ସହଯୋଗରେ ଅଞ୍ଚଳରେ ପ୍ରଥମ ଶିବ ମନ୍ଦିର ସ୍ଥାପନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଶୈବପୀଠ ହୋଇଥିବାରୁ ଉକ୍ତ ଅଞ୍ଚଳରେ କାଳୀପୂଜା କରିବା ନେଇ ଗ୍ରାମବାସୀ ବିଚାର କରିଥିଲେ। ଏହାପରେ ଅଞ୍ଚଳବାସୀଙ୍କ ସହଯୋଗ କ୍ରମେ ୨୦୦୨ରୁ ଅଶ୍ୱିନୀ ଦାଶ(ଅମନ କୁମାର)ଙ୍କ ନେତୃତ୍ୱରେ ପ୍ରଥମ କାଳୀପୂଜା ଆରମ୍ଭ ହୋଇଥିଲା । ଯାହା ବ୍ରହ୍ମପୁର ତଥା ଗଞ୍ଜାମ ଜିଲାରେ ପ୍ରଥମ ଥିଲା । ପ୍ରଥମ ବର୍ଷ ୧୨ ଫୁଟ ଉଚ୍ଚତାର ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରି ପୂଜା ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ମୂର୍ତ୍ତି ଉଚ୍ଚତା ବୃଦ୍ଧି ପାଇଁ ୨୫ ଫୁଟରେ ପହଞ୍ଚିଥିଲ । ପ୍ରତିବର୍ଷ ଏହି ଅଞ୍ଚଳର ପୂଜା ମଣ୍ଡପର ବିଭିନ୍ନ ଢାଞ୍ଚାର ୬୦ ରୁ ୭୦ ଫୁଟ ଉଚ୍ଚତା ଓ ୧୦୦ ରୁ ଊର୍ଦ୍ଧ୍ୱ ଫୁଟ ଓସାରର ଆକର୍ଷଣୀୟ ତୋରଣ କେନ୍ଦ୍ରବିନ୍ଦୁ ପାଲଟିଥିଲା । ଯାହାକୁ ଦେଖିବାକୁ ଗଞ୍ଜାମ ଜିଲା ସମେତ ରାଜ୍ୟର କୋଣ ଅନୁକୋଣରୁ ଲୋକ ଏଠାକୁ ଆସୁଥିଲେ । କିନ୍ତୁ ୨୦୧୪ରୁ ହଠାତ ଏହି ଅଞ୍ଚଳର ପୂଜା ବନ୍ଦ ହୋଇଯାଇଥିଲା । ୫ ବର୍ଷ ପରେ ଚଳିତ ବର୍ଷ ପୁନର୍ବାର ଅଞ୍ଚଳର ଯୁବକ ସଂଘ ଓ ବ୍ୟବସାୟୀ ସଂଘ ସହଯୋଗରେ ପୂର୍ବ ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟ ନେଇ କାଳୀପୂଜା ଆରମ୍ଭ କରାଯାଇଛି ।

## ଜାନୁୟାରୀ ୨୭ ରୁ ବ୍ରହ୍ମପୁର ପୁସ୍ତକମେଳା

**ବ୍ରହ୍ମପୁର ଅଫିସ,୨୬।୧୦:** ସଙ୍ଗତି ସଂଗଠନ ପକ୍ଷରୁ ବ୍ରହ୍ମପୁର ପୁସ୍ତକମେଳା ପ୍ରସ୍ତୁତି ବୈଠକ ସ୍ଥାନୀୟ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ସଭାପତି ଗୋପାଳକୃଷ୍ଣ ଡାକୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜାନୁୟାରୀ ୨୭ ରୁ ଫେବୃୟାରୀ ୫ ପର୍ଯ୍ୟନ୍ତ ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ ଖେଳପଡିଆରେ ପୁସ୍ତକମେଳା ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ନିଆଯାଇଥିଲା । ଚଳିତ ପୁସ୍ତକମେଳାରେ ସଙ୍ଗତି ସଂଗଠନ ସମେତ ବ୍ରହ୍ମପୁରର ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହଯୋଗ କରିବାକୁ ସମ୍ମତି ପ୍ରକାଶ କରିଥିବା ସଭାପତି ସୂଚାଇଥିଲେ । ସଂଗଠନଗୁଡିକ ମଧ୍ୟରେ କବି ଗୋପାଳକୃଷ୍ଣ ସାଂସ୍କୃତିକ ପରିଷଦ, ଖଲ୍ଲିକୋଟ ସାଂସ୍କୃତିକ ପରିଷଦ, ସଂଗ୍ରାମୀ ଚକରା ସାହିତ୍ୟ ସଂସଦ, ନାଟ୍ୟଶ୍ରୀ ଫାଉଣ୍ଡେଶନ, ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର, ନବୀନ ସାହିତ୍ୟ ସଂସଦ, ଲୋକ ସଂସ୍କୃତି ଅଧ୍ୟାତ୍ମିକ ବିକାଶ ମଞ୍ଚ, ଚିଲିକାରାଣୀ ମହୋତ୍ସବ, ମହାନଗର ମହୋତ୍ସବ କମିଟି ସମ୍ମତି ପ୍ରକାଶ କରିଛନ୍ତି । ବୈଠକରେ ସଙ୍ଗତି ସଂଗଠନ ଉପସଭାପତି ସମୀର କୁମାର ସାବତ, ସମ୍ପାଦକ ବିଜୟ କୁମାର ପାଢୀଙ୍କ ସମେତ ପୁସ୍ତକମେଳାରେ ସହଯୋଗ ପାଇଁ ସମ୍ମତି ପ୍ରକାଶ କରିଥିବା ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ସଂଗଠନ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ସିଟି ହସ୍ପିଟାଲ୍‌ରେ ସ୍ୱଚ୍ଛତା ପକ୍ଷ



ମେଡ଼ିକାଲ୍ ପରିସରରେ ଝାଡୁ ମରାଯାଉଛି ।

**ବ୍ରହ୍ମପୁର ଅଫିସ୍,୨୬।୧୦**

ବ୍ରହ୍ମପୁର ସିଟି ହସ୍ପିଟାଲ ସ୍ୱଚ୍ଛତା ପକ୍ଷ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହସ୍ପିଟାଲ ପରିସରକୁ ସଫା କରିବା ଏବଂ ପ୍ଲାଷ୍ଟିକ୍ ଆବର୍ଜନା ପରିଚାଳନା କରାଯାଇଥିଲା। କାର୍ଯ୍ୟକ୍ରମରେ ହସ୍ପିଟାଲର କର୍ମଚାରୀ ଏବଂ ଏଏନ୍‌ଏମ୍ ତାଲିମ୍ କେନ୍ଦ୍ରର ଛାତ୍ରୀମାନେ ଭାଗ ନେଇଥିଲେ। ସ୍ୱଚ୍ଛତା ବାର୍ତ୍ତା ବାହକ ଏକ ପଦଯାତ୍ରା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ସାମୁହିକ ସଫେଇରେ ଭାଗ ନେଇଥିଲେ। ପଦଯାତ୍ରା ପରେ ସାମୂହିକ ସଫେଇରେ ସମସ୍ତେ ଝାଡୁ ମାରିଥିଲେ। ଏନ୍‌ଏଚ୍‌ଏମ୍ ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଡା. ଅମୂଲ୍ୟ ମିଶ୍ର, ଡା. ରତ୍ନାକର ବେହେରା, ଡା. ଛାୟାରମଣ ରଥ ଭାଗ ନେଇଥିଲେ। ଏହି ସଫେଇରେ ବହୁ କର୍ମଚାରୀ, ନର୍ସ, ଏବଂ ତାଲିମପ୍ରାପ୍ତ ଏଏନ୍‌ଏମ୍‌ମାନେ ସାମିଲ ହୋଇଥିଲେ। ସିଟି ହସ୍ପିଟାଲ୍‌ର ସୁପରିଣ୍ଟେଣ୍ଡେଣ୍ଟ ଡା. ପି.କୁର୍ମାୟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମ୍ୟାନେଜର କବିତା ମଞ୍ଜରୀ ପଲାଇ ସହଯୋଗ କରିଥିଲେ ।

## କୁକୁଡ଼ାଫାର୍ମରେ ନିଆଁ ଲଗାଇବା ଘଟଣା, ୪ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୬।୧୦**

ଗଞ୍ଜାମ ଜିଲା ଦୌରା ଜଜ ବିଷ୍ଣୁ ପ୍ରସାଦ ରାଉତରାୟ ଶନିବାର ଏକ କୁକୁଡ଼ା ଫାର୍ମରେ ନିଆଁ ଲଗାଇବା ଘଟଣାର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ୪ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଆମ୍ବଗଡ ଗ୍ରାମର ମିହିର ଡାକୁଆ, ମୁନା ବେହେରା, ପ୍ରଶାନ୍ତ ବେହେରା ଓ ଭଗବାନ ଦାସ।

ପ୍ରକାଶଯେ, ୨୦୧୭ରେ ମିହିର ଓ ତାଙ୍କ ସହଯୋଗୀମାନେ ଗାଁରେ ଥିବା ଏକ କୁକୁଡ଼ାଫାର୍ମର ମାଲିକ ସନ୍ତୋଷ ପଣ୍ଡାଙ୍କୁ ୨୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ସନ୍ତୋଷ ଏହା ଦେବାକୁ ମନା କରିଥିଲେ। ପରେ ଦୁର୍ବୃତ୍ତମାନେ ଉକ୍ତ କୁକୁଡ଼ାଫାର୍ମରେ ନିଆଁ ଲଗାଇ ଦେଇଥିଲେ। ଅଭିଯୋଗ ପରେ ସଦର ଥାନା ପୋଲିସ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଶନିବାର ଏହି ମାମଲାର ବିଚାର ବେଳେ ୧୧ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ସମସ୍ତ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ପିପି ତ୍ରିଲୋଚନ ପରିଡା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ବେହେରା ମକଦ୍ଦମା ପରିଚାଳନା କରିଥିଲେ।

## ■ ପୁରୁଷ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

# ଭାଗନେଲେ ୮ କଲେଜର ୨୮ ପ୍ରତିଯୋଗୀ

**ବ୍ରହ୍ମପୁର ଅଫିସ,୨୬।୧୦**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ୪୧ତମ ଆନ୍ତଃ ମହାବିଦ୍ୟାଳୟ ପୁରୁଷ ଚେସ୍ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି । ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁର ଏସ୍‌ଏମ୍‌ଆଇଟି ପରିସରରେ ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାକୁ ଅନୁଷ୍ଠାନ ସଭାପତି ଡ. ଭଗବାନ ଗନ୍ତାୟତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଏ ବିଭାଗ ଅଧକ୍ଷ ଡ. ସତ୍ୟବ୍ରତ ଦାଶ, ଲାଇବ୍ରେରି ସାଇନ୍ସ ଅଧକ୍ଷ ସୀତାରାମ ପଣ୍ଡା, ରୁରାଲ ମ୍ୟାନେଜମେଣ୍ଟ ଅଧକ୍ଷ ଡ. ମଞ୍ଜୁପ୍ରଭା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅର୍ଗାନାଇଜିଂ ସେକ୍ରେଟେରି ପ୍ରଦୀପ୍ତ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୮ ମହାବିଦ୍ୟାଳୟ(କଲେଜ)ର ୨୮ ପ୍ରତିଯୋଗୀ ଭାଗନେଇଛନ୍ତି। ଜି. ସତ୍ୟନାରାୟଣ, ବିନାୟକ ରଥ, ଜେ. ଜଗନ୍ନାଥ ରାଓ, ଏସ୍. ସୀତାରାମ ମୂର୍ତ୍ତି ପ୍ରମୁଖ ଅଫିସିଆଲ ଭାବେ ଯୋଗଦେଇ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦର ରାଜେଶ କୁମାର ମହାନ୍ତି, ଫିଜିକାଲ ଏଜୁକେଶନ ଅଫିସର ରବି ଚରଣ ମିଶ୍ର ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିମାନେ ପ୍ରତିଯୋଗୀଙ୍କ ସହ ହାତ ମିଳାଉଛନ୍ତି ।

## ■ ବେଆଇନ ବାଣ ଗଚ୍ଛିତ ମାମଲା

# କୋର୍ଟରେ ଆତ୍ମସମର୍ପଣ କଲେ ବ୍ୟବସାୟୀ

**ବ୍ରହ୍ମପୁର ଅଫିସ,୨୬।୧୦**

ବାଲୁଙ୍କେଶ୍ୱର ବାଣ ବଜାରରେ ବେଆଇନ ଭାବେ ବାଣ ଗଚ୍ଛିତ ଓ ବିକ୍ରି ଅଭିଯୋଗରେ ଗୋଷାଣୀନୂଆଗାଁ ପୋଲିସ ନଂ. ୧୧୦/୧୯ରେ ୪୮ ଜଣ ବ୍ୟବସାୟୀଙ୍କ ବିରୋଧରେ ମାମଲା ରଜୁ କରିଥିଲା। ଶନିବାର ୨ ବ୍ୟବସାୟୀ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏସ୍‌ଡିଜେଏମ୍ ସରୋଜିନୀ ସାହୁ ବ୍ୟବସାୟୀ ସନ୍ତୋଷ ପଣ୍ଡା ଓ ରାଜେନ୍ଦ୍ର ସାହୁଙ୍କୁ ସେମାନଙ୍କ ଆବେଦନର ଶୁଣାଣି କରି ଜାମିନ ପ୍ରଦାନ କରିଥିବା କୋର୍ଟ ସୂତ୍ରରୁ ପ୍ରକାଶ। ଘଟଣାରୁ ପ୍ରକାଶ, ଗତ ୨୧ ତାରିଖରେ ବାଲୁଙ୍କେଶ୍ୱର ବାଣ ବଜାରରେ ବେଆଇନ ଭାବେ ବାଣ ଗଚ୍ଛିତ ରଖାଯାଇ ବିକ୍ରି ହେଉଥିବା ଅଭିଯୋଗ ପରେ ପୋଲିସ ସେଠାରେ ଚଢାଉ କରିଥିଲା। ନୋଟିସ ପରେ ବ୍ୟବସାୟୀମାନେ ବାଣ ବଜାରରେ ହାଜର ନ ହେବାରୁ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦୋକାନ ତାଲା ଭାଙ୍ଗି ସେଠାରେ ଥିବା ବାଣ ଯାଞ୍ଚ କରିବା ପରେ ତାଲା ପକାଇ ଦେଇଥିଲା।

## ବିଦ୍ୟୁତ୍ ଆଘାତରେ ୫ ଛେଳି ମୃତ

**ଆସିକା,୨୬।୧୦(ଡି.ଏନ୍.ଏ.)-** ଆସିକା ବ୍ଲକ ଭେଟନଈ ଗ୍ରାମରେ ଶନିବାର ବିଦ୍ୟୁତ୍ ଆଘାତରେ ୫ ଛେଳିଙ୍କ ମୃତ୍ୟୁ ଘଟିଛି। ଖଦାଳ ସାହିର ଗାଣ୍ଡୁ ଦାସ ଛେଳି ଚରାଇବାକୁ ଯାଇ ଫେରୁଥିବାବେଳେ ସାହି ରାସ୍ତାରେ ଛିଡି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଛେଳି ଆସି ଯାଇଥିଲେ। ଫଳରେ ଛେଳିଙ୍କର ମୃତ୍ୟୁ ଘଟିଥିଲା ।

# ପ୍ରଦୂଷଣମୁକ୍ତ ଦୀପାବଳି ପାଇଁ ସଚେତନତା

**ବ୍ରହ୍ମପୁର ଅଫିସ୍,୨୬।୧୦**

ଦୀପାବଳି ଉତ୍ସବ ଅବସରରେ ବାଣି ଫୁଟାଉଥିବା ଯୋଗୁ ପ୍ରଦୁଷଣ ହୋଇଥାଏ। ଏହା କେବଳ ମଣିଷ ନୁହଁ, ପଶୁ ପକ୍ଷୀଙ୍କୁ ମଧ୍ୟ ପ୍ରଭାବିତ କରିଥାଏ। ଏଣୁ ପ୍ରଦୂଷଣମୁକ୍ତ ଦୀପାବଳି ପାଇଁ ଶନିବାର ବ୍ରହ୍ମପୁରରେ ବିଭିନ୍ନ ସଂଗଠନ ପକ୍ଷରୁ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ଆହ୍ୱାନରେ ବିଭିନ୍ନ ସଂଗଠନ କର୍ମକର୍ତ୍ତାମାନେ ଏଥିରେ ଭାଗ ନେଇଥିଲେ। ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡଠାରୁ ଆରମ୍ଭ ହୋଇ ସହରରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲା। ପ୍ରତିବର୍ଷ ଦୀପାବଳିରେ ବିଭିନ୍ନ ଉଚ୍ଚଶବ୍ଦକାରୀ ଏବଂ ପ୍ରଦୁଷଣକାରୀ ବାଣ ଫୁଟାଇବା ଦ୍ୱାରା ଅକାଳରେ ପଶୁ ପକ୍ଷୀଙ୍କ ଜୀବନ ଚାଲିଯାଉଛି। ମଣିଷମାନେ ମଧ୍ୟ ଶ୍ୱାସ ଜନିତ ରୋଗରେ ପୀଡ଼ିତ ହେଉଛନ୍ତି। ଏଣୁ ବାଣ ନ ଫୁଟାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ସହର ପରିକ୍ରମା କରିବା ଅବସରରେ ବିଭିନ୍ନ ସ୍ଲୋଗାନ୍ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ମୁଖ୍ୟ ସୁଧୀର ରାଉତ, ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ, ସମ୍ପାଦକ ଏମ୍.ଦଲୀପ କୁମାର, ମହାତ୍ମା ହେଲ୍‌ପିଂ କ୍ଲବର ଏମ୍.ଭେଙ୍କଟ ରାମାଣା, ସମାଜିକକର୍ମୀ ସବିତା ସାହୁକାର, ସଞ୍ଜୟ ପାତ୍ର, ଧର୍ମରାଜ ପାତ୍ର ଓ ବନମାଳୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ପ୍ରଦୂଷଣମୁକ୍ତ ଦୀପାବଳି ପାଇଁ ସଚେତନତା ପଦଯାତ୍ରା ବ୍ରହ୍ମପୁର ସହର ପରିକ୍ରମା କରୁଛି ।

## ■ ବିସିସି ବ୍ୟାଙ୍କ ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି

# ଚଳିତ ଆର୍ଥିକ ବର୍ଷରେ ରବି ଋଣ ଲଗାଣ ୨୦୦ କୋଟି

- ସୋସାଇଟି ସମ୍ପାଦକଙ୍କ ଦରମା ନେଇ ଆଲୋଚନା
- ସମବାୟ ସଂସ୍ଥାରେ ୫-ଟି କାର୍ଯ୍ୟକ୍ରମକୁ ଗୁରୁତ୍ୱ

**ବ୍ରହ୍ମପୁର ଅଫିସ,୨୬।୧୦**

ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କ ଅଧୀନ ଗଞ୍ଜାମ ଓ ଗଜପତି ଜିଲା ପ୍ରାଥମିକ ସେବା ସମବାୟ ସମିତି (ସୋସାଇଟି) ସମ୍ପାଦକମାନଙ୍କ ବୈଠକ ଶନିବାର ବ୍ୟାଙ୍କର ସ୍ଥାନୀୟ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ ଶତାଧିକ ସମ୍ପାଦକ ଓ ସୋସାଇଟି ପରିଚାଳନା ବୋର୍ଡ କର୍ମକର୍ତ୍ତା ଯୋଗ ଦେଇଥିଲେ । ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଜୀକରଣ ହୋଇଥିବା ଚାଷୀଙ୍କଠାରୁ ମଣ୍ଡିରେ ଧାନ କ୍ରୟକୁ ସୋସାଇଟି ସମ୍ପାଦକମାନେ ନିଷ୍ଠାର ସହ ସମ୍ପାଦନା କରିବାକୁ ସଭାପତି ପରାମର୍ଶ ଦେଇଥିଲେ। ୨୦୧୯-୨୦ ବର୍ଷରେ ବ୍ୟାଙ୍କ ପକ୍ଷରୁ ରବି ଫସଲ ପାଇଁ ଦୁଇ ଜିଲାର ଚାଷୀଙ୍କୁ ୨ ଶହ କୋଟି ଟଙ୍କା କୃଷିଋଣ ଲଗାଣ କରାଯିବାର ନିଷ୍ପତ୍ତି ନିଆଯାଇଥିବା ସଭାପତି ସୂଚାଇଥିଲେ ।

ବ୍ୟାଙ୍କ ଅଧୀନ ସମସ୍ତ ସୋସାଇଟି (ପ୍ୟାକ୍ସ)ରେ କମ୍ପ୍ୟୁଟରୀକରଣ କରାଯିବ। ରାଜ୍ୟରେ ଏହା ପ୍ରଥମ ବୋଲି କୁହାଯାଇଛି। ଗଜପତି ଓ ଗଞ୍ଜାମ ଜିଲାର ୨୫୬ ପ୍ୟାକ୍ସରେ ମାଇକ୍ରୋ ଏଟିଏମ୍ ବ୍ୟବସ୍ଥା ପାଇଁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ସୁଦ୍ଧା ୧୦୧ ସୋସାଇଟିରେ କାର୍ଯ୍ୟକାରୀ ହୋଇସାରିଛି। ବୈଠକରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଡାଇରେକ୍ଟର ଜିତେନ୍ଦ୍ର ନାରାୟଣ ସିଂହଦେଓ ଯୋଗ ଦେଇଥିଲେ। ସମବାୟ ବ୍ୟାଙ୍କରେ ୫-ଟି କାର୍ଯ୍ୟକ୍ରମ ନେଇ ହୋଇଥିବା ନିଷ୍ପତ୍ତି ଓ ଏହାର କାର୍ଯ୍ୟକାରିତା ନେଇ ସମବେତ ସୋସାଇଟି ସମ୍ପାଦକଙ୍କୁ ସେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିସିସି ବ୍ୟାଙ୍କ ପରିଚାଳନା ବୋର୍ଡ ଡାଇରେକ୍ଟର କୈଳାସ ରଣା, ସନ୍ତୋଷ ପାତ୍ର, ବି. ତ୍ରିନାଥ, ବସନ୍ତ ପଟ୍ଟନାୟକ ଓ ଆପନ୍ନା ସେଠୀ, ସହକାରୀ ସମବାୟ ନିବନ୍ଧକ ଶିବସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

ବୈଠକର ମୁଖ୍ୟ ପ୍ରସଙ୍ଗ ଥିଲା ସୋସାଇଟି ସମ୍ପାଦକଙ୍କ ଦରମାରେ ଥିବା ତାରତମ୍ୟର ସମାଧାନ। ରାଜ୍ୟ ସମବାୟ ନିବନ୍ଧକ ସମ୍ପାଦକମାନଙ୍କୁ ମୂଳ ଦରମା ୫୨୦୦ ଟଙ୍କା ଦେବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହା ଉପରେ ଆଲୋଚନା କରାଯାଇଥିଲା। ସବୁ ପ୍ୟାକ୍ସରେ ଏହା କାର୍ଯ୍ୟକାରୀ କରା ନ ଯିବାର ସ୍ପଷ୍ଟ କରି ଦିଆଯାଇଥିଲା । ଯେଉଁ ସୋସାଇଟିରେ ଭଲ ବ୍ୟବସାୟ ହେଉଥିବ ଏବଂ ଆର୍ଥିକ ସ୍ଥିତି ଖରାପ ନ ଥିବ ସେଠାରେ ନିବନ୍ଧକଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ନେଇ ବିଚାର କରାଯିବାର ଆଲୋଚନା ହୋଇଥିଲା। ପ୍ୟାକ୍ସ ପ୍ରଶାସନିକ ଫଣ୍ଡ ସମ୍ପର୍କରେ ମଧ୍ଧ ଆଲୋଚନା କରାଯାଇଥିଲା। ବ୍ୟାଙ୍କ ଭାରପ୍ରାପ୍ତ ସମ୍ପାଦକ ବି. ତାରକା ନାଧମ ଏଜେଣ୍ଡା ଉପସ୍ଥାପନ କରିଥିଲେ। ସୋସାଇଟିର ସୀତାରାମ ପ୍ରଧାନ ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ଲଗାଣ ବର୍ଷାରେ ମକା ଚାଷ ନଷ୍ଟ

ଦିଗପହଣ୍ଡି,୨୬।୧୦(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ବାଲିପାଟ, ବାବୁଲିବନ୍ଧ, କନିଆରି ସାହି, ଆଦିବାସୀ ସାହି, ପୋଡ଼ାଖାଲ ଆଦି ଆଖପାଖ ଗାଁଗୁଡ଼ିକରେ ବହୁ ଚାଷୀ ମକା ଚାଷ କରିଥିଲେ। ଫସଲ ଭଲ ହୋଇଥିଲା। କିନ୍ତୁ ବୁଧବାରରୁ ଲଗାଣ ବର୍ଷା ଯୋଗୁ ମକା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଶୁକ୍ରବାର ଘର ଭଙ୍ଗା କ୍ଷୟକ୍ଷତି ବୁଲି ଦେଖିବାକୁ ଯାଇଥିବା ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଓ ବିଡିଓ ହଳଧର ଶବରଙ୍କୁ ବାବୁଲିବନ୍ଧ ଗ୍ରାମର କ୍ଷତିଗ୍ରସ୍ତ ଚାଷୀ ଭଗବତ ବେହେରା, ଚୌଧୁରୀ ବଢ଼େଇ, ଗାଣ୍ଡୁ ଜାନୀ, ଉମ୍ଭ ଜାନୀ ପ୍ରମୁଖ ସାକ୍ଷାତ କରିଥିଲେ। ଋଣ କରଜ କରି ବହୁ କଷ୍ଟରେ ସେମାନେ ମକା ଚାଷ କରିଥିଲେ। ଏବେ ଋଣ ଟଙ୍କା ଶୁଝିବେ କିପରି ସେ ନେଇ ଚିନ୍ତିତ ହୋଇପଡ଼ିଥିବା କହିଥିଲେ। ପରେ ଚାଷୀ ମାନଙ୍କ ଗହଣରେ ତହସିଲଦାର ଓ ବିଡିଓ ଖେତ ପରିଦର୍ଶନ କରି ରିପୋର୍ଟ ସଂଗ୍ରହ କରିଥିଲେ। ନିୟମାନୁଯାୟୀ କୃଷିବିଭାଗ ନିକଟରେ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ କରିବାକୁ ପରାମର୍ଶ ଦେଇ ଫେରିଥିବା ଜଣାପଡିଛି।

### ମଦ ଜବତ, ୩ ଗିରଫ

ଦାରିଙ୍ଗବାଡ଼ି,୨୬।୧୦(ଡି.ଏନ.ଏ.)- ଦାରିଙ୍ଗବାଡି ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଅବକାରୀ ଧରପଗଡ କରାଯାଇଛି। ୪୬ ଲିଟର ଦେଶୀମଦ ଜବତ ସହ ଚୋରାମଦ ବିକ୍ରି ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୁର୍ଜୁବାଡ଼ିର ଦୀପକ ପ୍ରଧାନ, ହାଟପଦା ସାହିର ଗୌର ଚନ୍ଦ୍ର ଦିଗାଳ ଏବଂ ଗାର୍ଗାବାଡ଼ିର ମିଥୁନ ମାଝୀ। ନଂ.୧୦୯,୧୧୦,୧୧୧/୧୯ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି।

### କାଳୀପୂଜା ଉପଲକ୍ଷେ କଳସ ଯାତ୍ରା

ବୁଗୁଡ଼ା,୨୬।୧୦(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମରେ କାଳୀପୂଜା ଉପଲକ୍ଷେ ଶନିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲଙ୍ଗଳେଶ୍ୱର ପାଠାଗାର ସଭ୍ୟଙ୍କ ତତ୍ତ୍ୱାବଧାନରେ ଗୋଲିଆ ଗ୍ରାମବାସୀଙ୍କ ସହଯୋଗରେ ଶତାଧିକ ମହିଳା ଓ ପୁରୁଷ ମୁଣ୍ଡରେ କଳସ ଧରି ପ୍ରଥମେ ବାଘୁଆ ନଦୀକୁ ଯାଇ ସେଠାରେ କଳସରେ ଜଳ ଭର୍ତ୍ତି କରିଥିଲେ। ପରେ ପୂଜା ପାଠ ହେଲା ପରେ କଳସ ଯାତ୍ରା ଗ୍ରାମ ପରିକ୍ରମା କରି ଶେଷରେ ପୂଜା ମଣ୍ଡପରେ ପହଞ୍ଚିଥିଲା।

### ଗାଡ଼ି ଧକ୍କାରେ ଯୁବକ ମୃତ

ଗୋପାଳପୁର,୨୬।୧୦-ମହୁଡା-ଟାମଣା ରାସ୍ତାରେ ଶନିବାର ଗାଡି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ଗ୍ରାମର ପଦ୍ମଚରଣ ଗୌଡ଼ (୩୫)। ମଧ୍ୟାହ୍ନରେ ପଦ୍ମଚରଣ ବାଇକ୍‌ରେ ଟାମଣାରୁ ବାହାରି ନରସିଂହପୁର ଆସୁଥିବା ବେଳେ ଧାଡ଼ବାଙ୍କ ନିକଟରେ ବିପରୀତ ଦିଗରୁ ଏକ ଗାଡି ଆସି ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ପଦ୍ମଚରଣଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ ଓ ଦିଗପହଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲେ। ଏ ନେଇ ନଂ. ୨୧୬/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସନ୍ଧ୍ୟାରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଦିଗପହଣ୍ଡି ଥାନାଧିକାରୀ ବସନ୍ତ ସେଠୀ ସୂଚନା ଦେଇଛନ୍ତି। ରେଡକ୍ରସ ପାଣ୍ଠିରୁ କୁକୁଡ଼ାଖଣ୍ଡି ଅତିରିକ୍ତ ତହସିଲଦାର ଓ ଲାଠି ଆର୍‌ଆଇ ଏବଂ ଏଆର୍‌ଆଇ ପହଞ୍ଚି ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

### ମହିଳାଙ୍କ ଆତ୍ମହତ୍ୟା

ଫିରିଙ୍ଗିଆ,୨୬।୧୦- ଗୋଚ୍ଛାପଡା ଥାନା ଗିରିଡିଖୋଲ ଗ୍ରାମର ଜଣେ ମହିଳା ଶନିବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଯତନ ମଲ୍ଲିକଙ୍କ ସ୍ତ୍ରୀ ପ୍ରିୟଙ୍କା। କୌଣସି କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧରେ ଝଗଡା ହୋଇଥିଲା। ପରେ ପ୍ରିୟଙ୍କା ବିଷ ପିଇ ଦେଇଥିଲେ। ସ୍ୱାମୀ ଓ ପରିବାର ଲୋକେ ତାଙ୍କୁ ଗୋଚ୍ଛାପଡା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ଫୁଲବାଣୀ ମେଡିକାଲରେ ବ୍ୟବଚ୍ଛେଦ କରାଇବା ସହ ନଂ.୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କନ୍ଧମାଳରେ ପଛେଇଛି ମୋ ସ୍କୁଲ ଯୋଜନା

- ୨୧୯ ସ୍କୁଲରୁ ମାତ୍ର ୨୫ ସାମିଲ
- ୟୁସି ଦାଖଲ କରିଛନ୍ତି ୫

ଫୁଲବାଣୀ ଅଫିସ, ୨୬।୧୦– ବିଦ୍ୟାଳୟକୁ ସରସ ସୁନ୍ଦର କରିବା, ଅସୁବିଧାରେ ସହଭାଗୀ ହୋଇ ବିଦ୍ୟାଳୟର ଉନ୍ନତି ଦିଗରେ କାର୍ଯ୍ୟ କରିବା, ପୁରାତନ ଛାତ୍ର ପିଲାମାନଙ୍କୁ ପାଠ ପଢ଼ାଇବା, ଆର୍ଥିକ ସହାୟତା ପ୍ରଦାନ କରି ଅସୁବିଧା ଦୂର କରିବା ଆଦି ନେଇ ସରକାର 'ମୋ ସ୍କୁଲ' ଯୋଜନା ଆରମ୍ଭ କରିଛନ୍ତି। ହେଲେ କନ୍ଧମାଳ ଜିଲାରେ ହାତ ଗଣତି କେତୋଟି ସ୍କୁଲକୁ ଛାଡିଦେଲେ ଅନ୍ୟ କେଉଁଠି ଏହା କାର୍ଯ୍ୟକାରୀ ହେଉନାହିଁ। ଖାଲି ଖାତା କଲମରେ ତାହା ଚାଲୁଛି। କହିବାକୁ ଗଲେ କନ୍ଧମାଳ ଜିଲାରେ ମୋ ସ୍କୁଲ ଯୋଜନା ପଛେଇଛି। ଯୋଜନାରେ ସାମିଲ ହୋଇଥିବା ମୋଟ ୨୧୯ଟି ସ୍କୁଲରୁ ମାତ୍ର ୨୫ଟିରେ ଏହା କାର୍ଯ୍ୟକାରୀ ହୋଇଛି। ଗ୍ରାମବାସୀ ଏବଂ ପୁରାତନ ଛାତ୍ରଙ୍କ ଆନ୍ତରିକତା ଅଭାବରୁ ଏହି ଯୋଜନାର ଅଗ୍ରଗତି ହୋଇ ପାରୁ ନ ଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜଣାଯାଇଛି।

କନ୍ଧମାଳ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୬ଟି ସ୍କୁଲ ଏହି ଯୋଜନାରେ କ'ଣ କାର୍ଯ୍ୟ ହେବ ତାହାର ପ୍ରସ୍ତାବ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ


ଗୁଟିଙ୍ଗିଆ ବିଦ୍ୟାଳୟରେ ହୋଇଥିବା ପାନୀୟ ଜଳ ପ୍ରକଳ୍ପ।

୫ଟି ଏବଂ ତୃତୀୟ ପର୍ଯ୍ୟାୟରେ ୪ଟି ସ୍କୁଲ ସେମାନଙ୍କ ପ୍ରସ୍ତାବ ରଖିଥିଲେ। ବାକି ସ୍କୁଲ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରସ୍ତାବ ଆସିନାହିଁ। ନିୟମ ଅନୁସାରେ ବିଦ୍ୟାଳୟ ଗୁଡିକ ପ୍ରସ୍ତାବ ଦେଇ ଯେତିକି ଟଙ୍କା ଆଦାୟ କରିଥିବେ ସରକାର ତାହାର ଦୁଇ ଗୁଣା ଦେଇ କାର୍ଯ୍ୟକାରୀ କରାଇବେ। କାମ ସରିଲା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତାହାର ୟୁସି ତୁରନ୍ତ ଦାଖଲ କରିବେ।

ମାତ୍ର ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ପ୍ରସ୍ତାବ ଦେଇଥିବା ସ୍କୁଲମାନଙ୍କ ମଧ୍ୟରୁ ଜି.ଉଦୟଗିରି ହବାକ ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀଗୃହ ମରାମତି, ବିଦ୍ୟୁତୀକରଣ ସଞ୍ଜାଳାମ, ନୂତନ ଫାଟକ, ବଗିଚା, ଛାତ୍ରାବାସର ଉନ୍ନତିକରଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ପୁରାତନ ଛାତ୍ର ଏବଂ ଅନ୍ୟମାନଙ୍କଠାରୁ ୧ ଲକ୍ଷ ୨ ହଜାର ୬୭୧ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ଟିକାବାଲି ଗୁଟିଙ୍ଗିଆ ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀଗୃହ, ଲାଇବ୍ରେରୀ, ଫର୍ଣିଚର, ପାନୀୟ ଜଳ, ସବୁଜ ବାଡ, ଛାତ୍ରୀଛାତ୍ରଙ୍କୁ ପରିଭ୍ରମଣ ପାଇଁ ପ୍ରସ୍ତାବ ଦିଆଯାଇ ୧ ଲକ୍ଷ ୩୪ ହଜାର ଟଙ୍କା ଆଦାୟ କରାଯାଇଥିଲା। ସରକାର ଏଥିପାଇଁ ଦୁଇ ଗୁଣା ଅର୍ଥାତ ୨ ଲକ୍ଷ ୬୮ ହଜାର ଟଙ୍କା ଯୋଗାଇ ଦେଇଥିଲେ। ପ୍ରସ୍ତାବ ଅନୁସାରେ କାର୍ଯ୍ୟ ସରିଛି। ଯେତିକି କାର୍ଯ୍ୟ ହୋଇଛି ତାହାର ୟୁସି ମଧ ଦିଆ ସରିଛି। ବାକି କିଛି କାମ ରହି ଯାଇଛି। ତାହା ପରେ ହେବ ବୋଲି ସେତବେଳର ପ୍ରଧାନଶିକ୍ଷକ ପୀତବାସ ପାଢ଼ୀ ସୂଚନା ଦେଇଛନ୍ତି। ସେହିପରି ଖଜୁରିପଡା ନୋଡାଲ ସ୍କୁଲରେ ୮୪ ହଜାର ୪୫୫ ଟଙ୍କା, ଫୁଲବାଣୀ ସରକାରୀ ବାଳିକା ବିଦ୍ୟାଳୟରେ ୧ ଲକ୍ଷ ୫୬ ହଜାର ୨୦୦ ଟଙ୍କା, ରାଇକିଆ ବିଜୟ ଉଚ୍ଚ ବିଦ୍ୟାଳୟରେ ୮୦ ହଜାର ୫୦୦ ଟଙ୍କା ଆଦାୟ ହେବା ପରେ ସରକାର ଏହାର ଦୁଇଗୁଣା ଦେଇଛନ୍ତି। ଅଧିକାଂଶ ବିଦ୍ୟାଳୟରେ କାମ ସରି ଗଲାଣି। ହବାକ ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ଶଙ୍କରାଖୋଲ ଉଚ୍ଚ ବିଦ୍ୟାଳୟ, ଫିରିଙ୍ଗିଆ ନେଡିପଦର(ବି), କୁମ୍ଭାରଖୋଲ ବିଦ୍ୟାଳୟ ସେମାନଙ୍କ କାର୍ଯ୍ୟ ସାରି ୟୁସି ଦାଖଲ କରିଛନ୍ତି।

ଏହି ଯୋଜନା କାର୍ଯ୍ୟକାରୀ ନେଇ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ନିୟମିତ ବ୍ୟବଧାନରେ ବିଦ୍ୟାଳୟ ଯାଇ ଯୋଜନା ଉପରେ ପ୍ରଧାନଶିକ୍ଷମାନଙ୍କୁ ପଚାରି ବୁଝୁଛନ୍ତି। ସବୁ ବିଦ୍ୟାଳୟରେ କମିଟି ଗଠନ ହୋଇଛି। ହେଲେ ମୁଖ୍ୟ କଥା ଅର୍ଥ ଆଦାୟ ହୋଇପାରୁନାହିଁ। ପୁରାତନ ଛାତ୍ର, ଗ୍ରାମବାସୀ ଅର୍ଥ ଦେଉ ନାହାନ୍ତି କି, ମନ ବଳାଉ ନାହାନ୍ତି। ତେଣୁ ଯୋଜନାର ଅଗ୍ରଗତିରେ ଏସବୁ ପ୍ରତିବନ୍ଧକ ସାଜୁଛି ବୋଲି ଜିଲା ଶିକ୍ଷାଧିକାରୀ ବିକାଶ ପ୍ରଧାନ କହିଛନ୍ତି।

## ଜି.ଉଦୟଗିରିରୁ ବାଂଲାଦେଶୀଙ୍କୁ ହଟାଇବାକୁ ଦାବି

ଜି.ଉଦୟଗିରି,୨୬।୧୦(ଡି.ଏନ.ଏ.) ଜି.ଉଦୟଗିରି ସହରରେ ଦିନକୁ ଦିନ ବଙ୍ଗଳା ଭାଷା କହୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅନେକ ଏମାନଙ୍କୁ ବାଂଲାଦେଶୀ ବୋଲି ମଧ ସନ୍ଦେହ କରୁଛନ୍ତି। ଏମାନେ ଛତା, ଯୋତା, ମଶିଣା ଆଦି ବେପାର କରିବା ସହିତ ଘର ତିଆରି କାମ ମଧ କରୁଛନ୍ତି। ଏମାନେ ଏଠାରେ ବିଭିନ୍ନ ସରକାରୀ ସୁବିଧା ମଧ ହାତେଇ ସାରିଲେଣି। ଏଣୁ ଏମାନଙ୍କୁ ଚିହ୍ନଟ କରି ଶୀଘ୍ର ଏଠାରୁ ବିଦାୟ କରାଯାଉ ବୋଲି ସ୍ଥାନୀୟ ନିଖିଳ ଉତ୍କଳ କୁଇ ସମାଜ ୟୁନିୟନର ସଭାପତି ଭୀମସେନ ପ୍ରଧାନ ଦାବି କରିଛନ୍ତି। ଏମାନଙ୍କୁ ଜିଲାରୁ ହଟାଇବା ପାଇଁ ପ୍ରଶାସନକୁ ବାରମ୍ବାର ଦାବି କରାଯାଉଥିଲେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଗତ ଅଗଷ୍ଟରେ ମୁଖ୍ୟମନ୍ତ୍ରୀଙ୍କୁ କୁଇ ସମାଜ ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ରରେ ଏହା ଗୋଟିଏ ଦାବି ଥିଲା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଥାନାଧିକାରୀ ଚିତ୍ତରଞ୍ଜନ ବେହେରାଙ୍କୁ ପଚାରିବାରୁ ବଙ୍ଗଳା ଭାଷା କହୁଥିବା କିଛି ଲୋକ ବିଭିନ୍ନ ଲୋକଙ୍କ ଘରେ କାମ କରୁଛନ୍ତି। ବାଂଲାଦେଶୀଙ୍କ ସମ୍ପର୍କରେ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ। ତଥାପି ବାହାରୁ ଆସୁଥିବା ଲୋକଙ୍କ ସମ୍ପର୍କରେ ଖବର ରଖାଯିବ ବୋଲି କହିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ତୁମୁଡିବନ୍ଧ,୨୬।୧୦(ଡି.ଏନ୍.ଏ.) ତୁମୁଡିବନ୍ଧ ବ୍ଲକ ବିଜେଡି ପକ୍ଷରୁ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ହଜାର ହଜାର ବିଜେଡି କର୍ମୀ ଆମ୍ବେଦକର ଛକଠାରେ ଏକାଠି ହୋଇ ପଦଯାତ୍ରାରେ ବାହାରିଥିଲେ। ମୁଖ୍ୟ ଅତିଥିଭାବେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ରାଜୀବ ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ଜିଲା ବିଜୁ କୃଷକ ସଭାପତି କୁନା ଦଣ୍ଡସେନା, ଜିଲାପରିଷଦ ସଭ୍ୟା ବାସନ୍ତୀ ପାତ୍ର, ଜିଲା ଏସ୍.ସି ସେଲର ଉପ



ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀ।

ସଭାପତି ଅମିୟ କୁମାର ପରାସେଠ, ସମ୍ପାଦକ ବଙ୍ଗାଲି ବଡସେଠ, ବ୍ଲକ ମହିଳା ମୋର୍ଚ୍ଚା ସଭାନେତ୍ରୀ ମୟନ୍ତି ପାଟ୍ଟମାଝି, ବ୍ଲକ ସଂଖ୍ୟାଲଘୁ ସେଲ ସଭାପତି ଅରୁଣ କୁମାର ପରାସେଠ ପ୍ରମୁଖ ଯୋଗ ଦେଇଥିଲେ। ଶନିମନ୍ଦିର ଛକଠାରେ ଆୟୋଜିତ ସମ୍ମିଳନୀରେ ମିଶ୍ରଣ ପର୍ବ ହୋଇଥିଲା। କୁର୍ତ୍ତମଗଡ ସମିତିସଭ୍ୟ ଉପେନ୍ଦ୍ର ନାୟକଙ୍କ ସମେତ ୪୦ଜଣ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଥିଲେ। ବିଧାୟକ କହଁର ତାଙ୍କୁ ସ୍ୱାଗତ କରିଥିଲେ।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ବିଦ୍ୟାଳୟ ପାଚେରି

ଧରାକୋଟ,୨୬।୧୦(ଡି.ଏନ.ଏ.) ଲଗାଣ ବର୍ଷାରେ ଧରାକୋଟ ସ୍ଥିତ ବଡ଼ଦାଣ୍ଡ ସାହି ପ୍ରାଥମିକ ବିଦ୍ୟାଳୟର ପାଚେରି ଭୁଶୁଡ଼ି ପଡ଼ିଛି। ୧୯୭୪ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ୪୦ ଛାତ୍ରୀଛାତ୍ର ପଢୁଛନ୍ତି। ଏଠାରେ ୨ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ବର୍ଷାରେ ବିଦ୍ୟାଳୟର ପଛପାଖ ପାଚେରି ପଡ଼ିଯିବାରୁ ବିଦ୍ୟାଳୟର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ଗୌଡ଼ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କରିଛନ୍ତି। ଖବର ପାଇ ସିଆର୍‌ସିସି ଭାସ୍କର ବାଡ଼ତ୍ୟା ପରିଦର୍ଶନ କରିବା ସହ ତୁରନ୍ତ ଏହାର ମରାମତି ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏଣୁ ଶିକ୍ଷା ବିଭାଗର ପଦାଧିକାରୀ ଶୀଘ୍ର ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ବିଦ୍ୟାଳୟରେ ଅଲିଅଳି କନ୍ୟା କାର୍ଯ୍ୟକ୍ରମ


ବିଧାୟକ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଫିରିଙ୍ଗିଆ, ୨୬।୧୦ ଫିରିଙ୍ଗିଆ ବ୍ଲକ ନେଡିପଦର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅଲିଅଳି କନ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ରଞ୍ଜନ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦା ପ୍ରଧାନ, ଖଜୁରିପଡା ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କହଁର, ଜିଲା ପରିଷଦ ଉପାଧ୍ୟକ୍ଷା ସାରତି ମଲ୍ଲିକ, ଜିଲା ପରିଷଦ ସଭ୍ୟ ଜୟଶ୍ରୀ କହଁର, ଫିରିଙ୍ଗିଆ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନାଲ୍‌କୋ ଫାଉଣ୍ଡେସନ ପକ୍ଷରୁ ପ୍ରାୟ ୪୦୦ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ରକ୍ଷା ଉପକରଣ ବଣ୍ଟନ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଚାର୍ମର ସମ୍ପାଦକ ବିଷ୍ଣୁଚରଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଚେତନ ହେଲେ କୁସଂସ୍କାର ହଟିବ

ଫୁଲବାଣୀ ଅଫିସ, ୨୬।୧୦ ଗୁଣି ଗାରେଡି, ଡାହାଣୀ, ଅନ୍ଧବିଶ୍ୱାସ ଓ କୁସଂସ୍କାରନେଇ ଜନସାଧାରଣଙ୍କ ମଧ୍ୟରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ସେଭ୍ ଦି ଚିଲ୍‌ଡ୍ରେନ୍ ଓ ଅନନ୍ୟା ବାଳିକା ମହାସଂଘର ମିଳିତ ପ୍ରଚେଷ୍ଟାରେ ଶନିବାର ଚାଞ୍ଚେଡା ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଗୁଣି ଗାରେଡି ଓ ଅନ୍ଧବିଶ୍ୱାସ ବିଷୟରେ ଆଲୋଚନା କରିବା ସହ ଏନେଇ ଥିବା ଆଇନ ବିଷୟରେ ଆଲୋଚନା କରି ଲୋକମାନଙ୍କୁ ସଚେତନ କରିଥିଲେ। ସରକାରୀ ଓକିଲ ବିଜୟ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶା ହେତୁବାଦୀ ସମାଜରୁ ଦେବେନ୍ଦ୍ର ସଟର, ରବୀନ୍ଦ୍ର କୁମାର ଗୌଡ ଓ କୁଞ୍ଜବିହାରୀ ପଣ୍ଡା ଏହି କର୍ମଶାଳାରେ ଯୋଗଦେଇ ବିଭିନ୍ନ ରାସାୟନିକ ପ୍ରତିକ୍ରିୟା, ମନୋବିଜ୍ଞାନ ଆଦିକୁ କେନ୍ଦ୍ର କରି କିଭଳି ଭାବରେ ଗାଁ ଗହଳିରେ ଗୁଣିଆମାନେ ଲୋକଙ୍କୁ ଭୟଭୀତ କରୁଛନ୍ତି ସେ ନେଇ ସଚେତନ କରିଥିଲେ। ଚାଞ୍ଚେଡି ସରପଞ୍ଚ ରାଜ କିଶୋର ପ୍ରଧାନ, ସ୍ୱାତୀର ସମ୍ପାଦକ ଇଂ. ହରିଶଙ୍କର ରାଉତ, ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ୫୯ ନଂ. ଜାତୀୟ ରାଜପଥରେ ଖାଲ ଖମା

ଧରାକୋଟ,୨୬।୧୦(ଡି.ଏନ.ଏ.) ଗୋପାଳପୁରରୁ ରାୟପୁରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ନଂ. ୫୯ ଏବେ ଖାଲ ଖମା ସୃଷ୍ଟି ହୋଇଛି। ଗତ ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାଜପଥର ପୁନରୁଦ୍ଧାର ହୋଇ ନ ଥିବାରୁ ଚଳିତ ଲଗାଣ ବର୍ଷାରେ ଅଧିକ କ୍ଷତିଗ୍ରସ୍ତ ହୋଇଛି। ରାଜପଥ କର୍ତ୍ତୃପକ୍ଷ କେବଳ ବାଲି ବସ୍ତା ରଖି ନିଜର ଦାୟିତ୍ୱ ସମ୍ପୂର୍ଣ୍ଣ କରିଥିବା ବେଳେ ଏହି ରାଜପଥରେ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ଜୀବନ ପ୍ରତି ବିପଦ ରହିଛି। ରାଜପଥର କେ.ରାମଚନ୍ଦ୍ରପୁର, ବରଡ଼ାବାଲି, ବିଷ୍ଣୁପୁର ଅଞ୍ଚଳରେ ଏହାର ପ୍ରତ୍ୟକ୍ଷ ଦୃଶ୍ୟ ଦେଖିବାକୁ ମିଳିଛି। କିନ୍ତୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ତେବେ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

# ପୋଲସରାରେ ସିରିଜ୍ ବୋମାମାଡ଼

ହାତୀଓଟ,୨୬।୧୦ ଗଞ୍ଜାମ ଜିଲା ପୋଲସରାସ୍ଥିତ ବଜାରସାହି ଛକରେ ଶନିବାର ରାତି ପ୍ରାୟ ୯ଟାରେ ସିରିଜ୍ ବୋମାମାଡ ହୋଇଛି। ଏକ ବିଦେଶୀ ମଦ ଦୋକାନ ଆଗରେ ଦୁର୍ବୃତ୍ତମାନେ ବାଇକରେ ଆସି ପ୍ରଥମେ ୨ଟି ବୋମାମାଡ କରିଥିଲେ। ସେଠାରୁ ଯାଇ ରାଣିପଡା ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମୁଖରେ ଗୋଟିଏ ବୋମା ପକାଇବା ସହ ରାଣିପଡା ଠାକୁରାଣୀ ମନ୍ଦିର ସମ୍ମୁଖରେ ଗୋଟିଏ ବୋମା ପକାଇ ବୁଡାମ୍ବ ରାସ୍ତା ପଟେ ପଳାଇଯାଇଥିବା ଜଣାପଡିଛି। ବାଇକରେ ଦୁଇଜଣ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ ପୋଲସରା ପୋଲିସ ବୋମା ଫିଙ୍ଗିଥିବା ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ ଖବର ଲେଖାହେବା ସୁଦ୍ଧା ସେମାନଙ୍କ ଟେର୍ ପାଇନାହିଁ। କ'ଣ ପାଇଁ ବୋମା ମାଡ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ।

## ଭୁଶୁଡ଼ିଲା ବର୍ଷାରେ ଭିଜା କାନ୍ଥ, ଅଳ୍ପକେ ବର୍ତ୍ତିଲେ ମହିଳା

ବେଗୁନିଆପଡ଼ା,୨୬।୧୦(ଡି.ଏନ.ଏ.) ଲଘୁଚାପ ପ୍ରଭାବରେ ବେଗୁନିଆପଡ଼ା ବ୍ଲକରେ ଦୀର୍ଘ ୩ ଦିନ ଧରି ଲଗାଣ ବର୍ଷା ହୋଇଥିଲା। ଶନିବାର ଏହି ବ୍ଲକ ଅଙ୍ଗାରଗାଁ ବସଷ୍ଟାଣ୍ଡ ନିକଟରେ ଥିବା ଗୀତାଞ୍ଜଳି ସାହୁଙ୍କ ଘର କାନ୍ଥ ବର୍ଷାରେ ଭିଜି ଥିବାରୁ ଭୁଶୁଡ଼ି ପଡିଥିଲା। ଏହି ସମୟରେ ଗୀତାଞ୍ଜଳି ଘରେ କାମ କରୁଥିଲେ। ହଠାତ୍ ଶବ୍ଦ ହେବାରୁ ସେ ବାହାରକୁ ପଳାଇବା ସମୟରେ ଇଟା ବାଜି ଆହତ ହୋଇଥିଲେ। ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ତାଙ୍କ ସ୍ୱାମୀ ଗୋପାଳଙ୍କ ମୃତ୍ୟୁ ପରେ ଉକ୍ତ ଘରେ ଛୋଟିଆ ଚା ଦୋକାନ କରି ପରିବାର ଚଳାଉଥିଲେ। ଘରଟି ଭାଙ୍ଗିଯିବା ଫଳରେ ସେ ନିରାଶ୍ରୟ ହୋଇଯାଇଛନ୍ତି। ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

# ମିନିଟ୍ରକ ଓଲଟିଲା


ଦୁର୍ଘଟଣାଗ୍ରସ୍ତ ମିନିଟ୍ରକ୍।

ଦାରିଙ୍ଗବାଡ଼ି,୨୬।୧୦(ଡି.ଏନ.ଏ.)– ଦାରିଙ୍ଗବାଡ଼ି ଥାନା ଡବେରୀ ଗ୍ରାମ ନିକଟ ଆମ୍ବ ଘାଟିରେ ଶନିବାର ଏକ ଖଲି ବୋଝେଇ ମିନି ଟ୍ରକ (ଓଡି–୦୭ୟୁ–୮୧୧୮) ଓଲଟି ପଡିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକଟିକୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖିଛନ୍ତି। ଟ୍ରକ୍‌ଟି ଦାରିଙ୍ଗବାଡ଼ି ଅଞ୍ଚଳରୁ ଖଲି ବୋଝେଇ କରି ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଦ୍ରୁତ ଗାଡି ଚାଳନା ଯୋଗୁ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଟ୍ରକଟି ଓଲଟି ପଡିଥିବା ଜଣାପଡିଛି। ଚାଳକଙ୍କୁ ଆଇଆଇସି କୌଶିକ ମାଝୀ କହିଛନ୍ତି।

# ପଞ୍ଚାୟତରେ ବଣ୍ଟନ ହେଉନି ପିଡିଏସ୍ ସାମଗ୍ରୀ

## ଘୋଷଣାର ଅଢ଼େଇବର୍ଷ ବିତିଲା

ଦାରିଙ୍ଗବାଡ଼ି,୨୬।୧୦(ଡି.ଏନ.ଏ)– ଦାରିଙ୍ଗବାଡ଼ି ବ୍ଲକ ପ୍ଲିହେରୀ ପଞ୍ଚାୟତର ୩ ନଂ ୱାର୍ଡ଼ସଭ୍ୟା ସାବନ୍ତୀ ପ୍ରଧାନ ଗୁରୁବାର ଏକ ଅଟୋରେ ପିଡିଏସ୍ ସାମଗ୍ରୀ ଧରି ଫେରୁଥିବାବେଳେ ଗଛ ପଡି ମୃତ୍ୟୁ ଘଟିଥିଲା। ପ୍ଲିହେରୀ ପଞ୍ଚାୟତ ଗଠନର ଅଢ଼େଇ ବର୍ଷ ବିତିଯାଇଥିଲେ ସୁଦ୍ଧା ପିଡିଏସ୍ ସାମଗ୍ରୀ ପୂର୍ବଭଳି ଦାରିଙ୍ଗବାଡ଼ି ପଞ୍ଚାୟତ ବହୁମୁଖୀ ସମବାୟ ସମିତି କାର୍ଯ୍ୟାଳୟରେ ବଣ୍ଟନ କରାଯାଉଛି। ପ୍ରାୟ ୧୦ ରୁ ୧୫ କିମି ଦୂରରୁ ପ୍ଲିହେରୀ ପଞ୍ଚାୟତବାସୀ ଆସି ସାମଗ୍ରୀ ନେଉଛନ୍ତି। ୨୦୧୭ ପଞ୍ଚାୟତ ପୁନର୍ଗଠନବେଳେ ପ୍ଲିହେରୀକୁ ନୂତନ ପଞ୍ଚାୟତ ଘୋଷଣା କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ସେଠାରେ ପିଡିଏସ୍ ସାମଗ୍ରୀ ପ୍ରଦାନ କରାଯାଉନାହିଁ। ପ୍ରଶାସନିକ ଓ ଯୋଗାଣ ବିଭାଗର ଦାୟିତ୍ୱହୀନତା ପାଇଁ ଏଭଳି ସମସ୍ୟା ହେଉଥିବା କିଲାବାଡ଼ିର ସାମନ୍ତ ପ୍ରଧାନ କହିଛନ୍ତି । ତୁରନ୍ତ ଏଠାରେ ପିଡିଏସ୍ ସାମଗ୍ରୀ ବଣ୍ଟନ କରା ନ ଗଲେ ଆନ୍ଦୋଳନ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ତେବେ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି ମୃତ ୱାର୍ଡସଭ୍ୟାଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଘୋଷଣା କରିଥିବା ସରପଞ୍ଚ ପ୍ରତିନିଧି ପାଉଲ ପ୍ରଧାନ କହିଛନ୍ତି। ସେହିପରି ନୂତନ ପଞ୍ଚାୟତ ଘୋଷଣା ପରେ ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା କାମ ଚାଲିଛି। ୩ ବର୍ଷ ହେଲାଣି ସରୁନାହିଁ। ଜାନୁୟାରୀ ସୁଦ୍ଧା ଶେଷହେବା ଆଶା ରଖାଯାଇଥିବା ସରପଞ୍ଚ ତିମତୀ ପ୍ରଧାନ କହିଛନ୍ତି। ଠିକାଦାରଙ୍କ ଅବହେଳା ଯୋଗୁ କାମ ବିଳମ୍ବ ହେଉଥିବା ସେ କହିଥିଲେ। ନୂତନ ଗୋଦାମ ଗୃହ ନିର୍ମାଣକରି ପିଡିଏସ୍ ସାମଗ୍ରୀ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ସରପଞ୍ଚ ପ୍ରଧାନ କହିଛନ୍ତି । ଏନେଇ ଯୋଗାଣ ନିରୀକ୍ଷକ ନିହାର ବେହେରା କହିଛନ୍ତି ଯେ, ଚାଉଳ, ଗହମ ମହଜୁଦ ରଖିବା ଏବଂ ବଣ୍ଟନ କରିବାକୁ ଗୋଦାମ ଗୃହର ଆବଶ୍ୟକତା ରହିଛି। ସେ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କ ସହ ଆଲୋଚନା କରିଛନ୍ତି। ନୂତନ ଗୋଦାମ କୋଠା ନିର୍ମାଣ କରାଗଲେ ସେଠାରେ ଶୀଘ୍ର ପିଡିଏସ୍ ସାମଗ୍ରୀ ରଖାଯିବ।


ପ୍ଲିହେରୀ ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ ଚାଲିଛି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ରବିବାର, ୨୭ ଅକ୍ଟୋବର, ୨୦୧୯



## ସଂକ୍ଷେପରେ

### ପୁରୁଷୋତ୍ତମପୁର ବ୍ଲକ ନିର୍ମଳ ଅଧକ୍ଷ ହେବା ନେଇ ଚର୍ଚ୍ଚା



**ପୁରୁଷୋତ୍ତମପୁର,୨୬।୧୦(ଡି.ଏନ.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଅଧକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା ଶୁକ୍ରବାର ତାଙ୍କ ପଦବୀରୁ ଇସ୍ତଫା ଦେବାପରେ ପରବର୍ତ୍ତୀ ଅଧକ୍ଷ କିଏ ହେବେ ସେ ନେଇ ଚର୍ଚ୍ଚା ଜୋର ଧରିଛି। ନିର୍ମଳ ଚନ୍ଦ୍ର ସାହୁ ଏହି ପଦବୀ ହାତେଇବା ନେଇ ଜୋରଦାର ଆଲୋଚନା ହେଉଛି। ନିର୍ମଳ ହିଁ ଅଧକ୍ଷ ହେବାକୁ ଏକମାତ୍ର ଦାବିଦାର। ତାଙ୍କୁ ଅଧକ୍ଷ ପଦବରେ ବସାଇବା ଲାଗି ସରପଞ୍ଚ, ସମିତିସଭ୍ୟମାନେ ଏକପ୍ରକାର ନିଷ୍ପତ୍ତି ନେଇସାରିଛନ୍ତି। ଅପରପକ୍ଷରେ ସେ ବର୍ତ୍ତମାନ ଯୁବ ବିଜେଡିର ଉପଦେଷ୍ଟା ରହିଛନ୍ତି। ପୂର୍ବରୁ ସେ ଯୁବ ବିଜେଡିର ଉପସଭାପତି ଥିଲେ। ତାଙ୍କ ନେତୃତ୍ୱରେ ଏଠାରେ ବିଜେଡିର ଯୁବ ଗୋଷ୍ଠୀ ଅଧିକ ଶକ୍ତିଶାଳୀ ହୋଇପାରିଛି। ୨୦୧୩ ପୌର ନିର୍ବାଚନରେ ପୁରୁଷୋତ୍ତମପୁର ଏନ୍ଏସିରେ ବିଜେଡି ସମସ୍ତ ୧୪ ୱାର୍ଡ ଦଖଲ କରିଥିଲା। ବର୍ତ୍ତମାନ ପୁଣି ପୌର ନିର୍ବାଚନ ଥିବାରୁ ନିର୍ମଳଙ୍କୁ ଅଧକ୍ଷ କଲେ ଦଳର ଫାଇଦା ସହ ଏନ୍ଏସି ପୁଣି ବିଜେଡି କବ୍‌ଜାରେ ରହିବ ବୋଲି ଦଳୀୟ ନେତା ଓ କର୍ମୀମାନେ କହିଛନ୍ତି।

### ୪୩୭ ଜିଆର୍ଏସ୍‌ଙ୍କ ଅନ୍ୟ ପଞ୍ଚାୟତକୁ ବଦଳି

**ଛତ୍ରପୁର,୨୬।୧୦(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ପକ୍ଷରୁ ୫ଟି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଜିଲାର ବିଭିନ୍ନ ପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା ୪୩୭ ଜଣ ଜିଆରଏସ୍ (ଗ୍ରାମ ରୋଜଗାର ସେବକ)ଙ୍କୁ ଏକାସାଙ୍ଗରେ ଅନ୍ୟତ୍ର ବଦଳି କରାଯାଇଛି। ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେ ଏହି ବଦଳି କରିଛନ୍ତି। ଉନ୍ନୟନ କାର୍ଯ୍ୟ ଠିକ୍ ଭାବେ ତ୍ୱରାନ୍ୱିତ କରିବା ଏବଂ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଏହା କରାଯାଇଥିବା ଜଣାପଡିଛି। ତୁରନ୍ତ ଏମାନଙ୍କୁ ରିଲିଭ କରିବାକୁ ବିଡିଓମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନୂଆ ପଞ୍ଚାୟତରେ ଜିଆରଏସ୍‌ମାନେ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛ।

### ଅପରାଧ ସମୀକ୍ଷା କଲେ ଏସ୍‌ପି

ଛତ୍ରପୁର,୨୬।୧୦(ଡି.ଏନ.ଏ.): ଗଞ୍ଜାମ ପୋଲିସ ଜିଲାସ୍ତରୀୟ ଅପରାଧ ସମୀକ୍ଷା ବୈଠକ ଶନିବାର ଛତ୍ରପୁରସ୍ଥିତ ଏସ୍‌ପିଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଅଧକ୍ଷତା କରିଥିଲେ। ଥାନାୱାରି ଅପରାଧ ସମୀକ୍ଷା କରାଯାଇଥିଲା। ପୁରୁଣା ଅପରାଧୀଙ୍କ ଉପରେ ନଜର ରଖିବା, ନିୟମିତ ପାଟ୍ରୋଲିଂ, ଅବକାରୀ ଚଢାଉ, ତଦନ୍ତ ପେଣ୍ଡିଂ ଥିବା ମାମଲାକୁ ତ୍ୱରାନ୍ୱିତ କରିବା, ସ୍ୱୟଂସିଦ୍ଧା, ମହିଳା ଓ ଶିଶୁ ଡେସ୍କ, ବରିଷ୍ଠ ନାଗରିକ ସେଲକୁ କାର୍ଯ୍ୟକ୍ଷମ କରିବାକୁ ବୈଠକରେ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଆଇଆଇସିମାନେ ଯୋଗ ଦେଇଥିଲେ।

### ଓଡିଆର୍‌ପି କଲୋନୀରେ ପାଣି ଜମି ରହୁଛି

**ଛତ୍ରପୁର,୨୬।୧୦(ଡି.ଏନ.ଏ):** ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ଓଡିଆରପି କଲୋନୀରେ ବର୍ଷା ପାଣି ଜମି ରହିବା ନେଇ ସେଠାରେ ଲୋକେ ସମସ୍ୟା ମଧ୍ୟରେ ରହଛନ୍ତି। ଶନିବାର ଗାଁ କମିଟି ଓ କଲୋନୀ ବାସିନ୍ଦା ଛତ୍ରପୁର ଆସି ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବା ସହ ପ୍ରତିକାର କରିବାକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସାମାନ୍ୟ ବର୍ଷା ହେଲେ ଆର୍ଯ୍ୟପଲ୍ଲୀ ଓଡିଆରପି କଲୋନୀରେ ପାଣି ଜମି ରହୁଛି। ଲଗାଣ ବର୍ଷାରେ କଲୋନୀରେ ପାଣି ଜମି ରହିବାରୁ ଘରୁ ବାହାରିବାକୁ ଲୋକଙ୍କୁ ଅସୁବିଧା ହେଉଥିଲା। ଛତ୍ରପୁର ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ମୋଟର ଲଗାଇ ପାଣି ବାହାର କରିଥିଲେ।

# ଭୁଶୁଡ଼ିଲା କାନ୍ଥ, ଶିଶୁପୁତ୍ର ମୃତ

**ଦିଗପହଣ୍ଡି,୨୬।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡା ପଞ୍ଚାୟତ ବଜ୍ରଗୁମ୍ଫା ଗାଁ ଅନୁସୂଚିତ ଜାତି ସାହିରେ ଶନିବାର ଭୋରରୁ ଘର ଭୁଶୁଡି ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। କାନ୍ଥତଳେ ଚାପି ହୋଇ ଅନ୍ୟ ୪ଜଣ ମଧ ଆହତ ହୋଇଛନ୍ତି। ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କ ଚିକିତ୍ସା ଚାଲିଛି।

ପ୍ରକାଶ ଯେ, ସନ୍ତୋଷ କୁମାର ନାଇକ ଶୁକ୍ରବାର ରାତିରେ ଖାଇପିଇ ପରିବାର ସହ ତାଙ୍କ ନଡା ଛପର ଝାଟିମାଟି ଘରେ ଶୋଇଥିଲେ। ଲଗାଣ ବର୍ଷା ଯୋଗୁ ଭିଜି ରହିଥିବା ମାଟିକାନ୍ଥ ଶନିବାର ଭୋରରୁ ଭୁଶୁଡ଼ି ପଡିଥିଲା। ଏହାତଳେ ସନ୍ତୋଷଙ୍କ ସମେତ ସ୍ତ୍ରୀ ବନିତା, ମା' ରାହାସ, କନ୍ୟା ପ୍ରିୟଙ୍କା, ୧୦ମାସର ପୁଅ ସନାତନ ଚାପି ହୋଇ ରହିଯାଇଥିଲେ। ଜୋରରେ ଶବ୍ଦ ହେବାରୁ ପାଖ ପଡୋଶୀ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଭଙ୍ଗା ମାଟିକାନ୍ଥ ତଳୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିଶୁପୁତ୍ର ସନାତନଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ବନିତା ଓ ରାହାସଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ଭୁଶୁଡ଼ି ପଡିଥିବା ଘର।



ତହସିଲଦାର ଓ ବିଡିଓ ଘଟଣାସ୍ଥଳରେ ପହଞ୍ଚି ତଥ୍ୟ ସଂଗ୍ରହ କରୁଛନ୍ତି।

ଖବର ପାଇ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ବିଡିଓ ହଳଧର ଶବର ଭୋର ପ୍ରାୟ ସାଢେ ୫ଟାରେ ବଜ୍ରଗୁମ୍ଫା ଗାଁରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଦିଗପହଣ୍ଡି ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କେ.ନୂଆଗାଁ ଥାନାକୁ ଖବର କରିଥିଲେ।

**ଦମ୍ପତିଙ୍କ ସମେତ ୪ ଆହତ**

ପୋଲିସ ଶିଶୁପୁତ୍ରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି। ଏନେଇ କେ.ନୂଆଗାଁ ଥାନାରେ ନଂ.୧୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ଦୀର୍ଘଦିନ ହେଲା ଝାଟିମାଟି ଘରେ ଦୟନୀୟଭାବେ ସନ୍ତୋଷ ରହୁଥିଲେ ମଧ ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇନଥିଲା। ଏହା ସରକାରଙ୍କ ଆବାସ ଯୋଜନାର ବିଫଳତାକୁ ପଦାରେ ପକାଇଛି ବୋଲି ଗଞ୍ଜାମ ଜିଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ ପଣ୍ଡା ଅଭିଯୋଗ କରିଛନ୍ତି। ଦଳୀୟ କୁଜି ନେତାଙ୍କ ଜରିଆରେ ପିସି ନ ଦେଲେ ଆବାସ ଯୋଜନା କାର୍ଯ୍ୟାଦେଶ ମିଳୁ ନ ଥିବା ସେ କହିଛନ୍ତି। ଏନେଇ ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅଭିଯୋଗ ଅମୂଳକ ବୋଲି କହିଛନ୍ତି।

ଏନେଇ ବିଡିଓଙ୍କୁ ପଚାରିବାରୁ, ବଜ୍ରଗୁମ୍ଫା ଗ୍ରାମର ସ୍ୱର୍ଗତ ଅନାଦି ନାଇକଙ୍କ ସ୍ତ୍ରୀ ରାହାସଙ୍କୁ ୨୦୧୫-୧୬ରେ ଇନ୍ଦିରା ଆବାସ କାର୍ଯ୍ୟାଦେଶ ଦିଆଯାଇଥିଲା। ସେ ପ୍ରଥମ କିସ୍ତି ୧୫ ହଜାର ଟଙ୍କା ମଧ ନେଇଥିଲେ। ମାତ୍ର ଅଦ୍ୟାବଧି ଘର କରିନାହାନ୍ତି। ସେହି କାର୍ଯ୍ୟାଦେଶ ଦ୍ୱାରା ଘର ନିର୍ମାଣ ପାଇଁ ପୁଣିଥରେ ଅର୍ଥ ମଞ୍ଜୁର କରାଯିବ। ସେପର୍ଯ୍ୟନ୍ତ ପରିବାର ଲୋକେ ଗାଁ କୋଠଘରେ ରହିବେ ବୋଲି ବିଡିଓ କହିଛନ୍ତି।

## ୩ରେ ମାନବ କଲ୍ୟାଣ ବିଶ୍ୱଶାନ୍ତି ମହାଯଜ୍ଞ

**ବ୍ରହ୍ମପୁର ଅଫିସ୍,୨୬।୧୦**

ହିଞ୍ଜିଳି ବ୍ଲକ ଶାସନ ଆମ୍ବଗାଁରେ ଆସନ୍ତା ତିନି ଏବଂ ଚାରି ତାରିଖ ଦୁଇ ଦିନ ପର୍ଯ୍ୟନ୍ତ ମାନବ କଲ୍ୟାଣ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ବିଶ୍ୱର କଲ୍ୟାଣ ତଥା ମାନବ ମନରେ ଆଧ୍ୟାତ୍ମିକ ଚେତନାର ବୃଦ୍ଧି ଉଦ୍ଦେଶ୍ୟରେ ଏହା ଆୟୋଜିତ ହେଉଛ। ଶନିବାର ସନ୍ତୋଷୀ ମା'ମନ୍ଦିରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ତରଫରୁ ଏହି ସୂଚନା ଦିଆଯାଇଛି। ପ୍ରତ୍ୟେକ ଦିନ ପ୍ରାୟ ୫୦ହଜାର ଭକ୍ତ କାର୍ଯ୍ୟକ୍ରମରେ ଭାଗନେବାକୁ ଯୋଜନା ରହିଛି। ଅନ୍ୟପଟେ ସ୍ୱାସ୍ଥ୍ୟ ଶିବିର, ଯୋଗ ଶିବିର, ଜଳ ଯୋଗାଣ ଏବଂ ପରିବେଶ ସୁରକ୍ଷାକୁ ମଧ୍ୟ ଧ୍ୟାନ ଦିଆଯିବ ବୋଲି ମହାଯଜ୍ଞ ପ୍ରସ୍ତୁତି କମିଟି ତରଫରୁ ସଭାପତି ବଭୂତି ସାବତ, ସମ୍ପାଦକ ମନୋଜ କୁମାର ସାବତ, ଉପଦେଷ୍ଟା ସୁଶାନ୍ତ କୁମାର ସାବତ, କୋଷାଧକ୍ଷ ସମୀର କୁମାର ସ୍ୱାଇଁ, ସନୋଜ କୁମାର ସାହୁ, ଶିବଶଙ୍କର ସାବତ, ଶିବରାମ ପରିଡ଼ା, ଜଗବନ୍ଧୁ ସ୍ୱାଇଁ ଓ ତୁଫାନ୍ ପରିଡ଼ା ପ୍ରମୁଖ ପ୍ରକାଶ କରିଛନ୍ତି ।

# ଚିନିଶିଳ୍ପ ସଭାପତିଙ୍କ ବିରୋଧରେ ମହିଳାଙ୍କ ଅଭିଯୋଗ





ଥାନା ସମ୍ମୁଖରେ ବଟଲିଂ ପ୍ଲାଣ୍ଟର ଶ୍ରମିକମାନେ।

**ଆସିକା,୨୬।୧୦(ଡି.ଏନ୍.ଏ.)**

ଆସିକା ସମବାୟ ଚିନିଶିଳ୍ପର ମଦ ପ୍ରସ୍ତୁତି ଲାଗି ରହିଥିବା ବଟଲିଂ ପ୍ଲାଣ୍ଟର ମହିଳା ଶ୍ରମିକମାନେ ଚିନିଶିଳ୍ପର ସଭାପତି ବିପିନୀ ବିହାରୀ ପାତ୍ରଙ୍କ ବିରୋଧରେ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ଶନିବାର ପ୍ଲାଣ୍ଟର ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ଆସିକା ଥାନାରେ ପହଞ୍ଚି ସଭାପତି ପାତ୍ରଙ୍କ ବିରୁଦ୍ଧରେ ତିନୋଟି ପୃଥକ୍ ପୃଥକ୍ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗକାରୀଙ୍କ ମଧରେ ୨ଜଣ ମହିଳା ଅନୁସୂଚିତ ବର୍ଗର ଓ ଜଣେ ବିଧବା ମହିଳା ଅଛନ୍ତି। ଗତ ମଙ୍ଗଳବାର ସନ୍ଧ୍ୟାରେ ଏହି ଶ୍ରମିକମାନେ କେତେକ ଦାବି ନେଇ ସଭାପତିଙ୍କ ପ୍ରକୋଷ୍ଠକୁ ଯାଇଥିବାବେଳେ ସଭାପତି ଜାତିଗତ ଆକ୍ଷେପ କରିବା ସହ ଟଣାଓଟରା କରିବା ଓ ଧକ୍କା ମାରିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ସଭାପତି ପାତ୍ରଙ୍କୁ ପଚାରିବାରୁ, ଏଭଳି ଅଭିଯୋଗ ଭିତ୍ତିହୀନ ଓ ମନଗଢା ବୋଲି କହିଛନ୍ତି। ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ପଚାରିବାରୁ ଏନେଇ ତଦନ୍ତ କରାଯାଉଥିବା ସୂଚନା ଦେଇଛନ୍ତି।

ସୂଚନା ଯୋଗ୍ୟ ଯେ, ଗତ ମଙ୍ଗଳବାର ସନ୍ଧ୍ୟାରେ ବଟଲିଂ ପ୍ଲାଣ୍ଟ ଶ୍ରମିକମାନେ ବିଭିନ୍ନ ଦାବିନେଇ ଚିନିଶିଳ୍ପ ସଭାପତି, ପରିଚାଳନା ନିର୍ଦ୍ଦେଶକ ଓ ସମ୍ପାଦକଙ୍କୁ ପରିଚାଳନା ନିର୍ଦ୍ଦେଶକଙ୍କ ପ୍ରକୋଷ୍ଠରେ ରାତି ୧୧ଟା ଯାଏ ଅଟକ ରଖିଥିଲେ। ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରାଙ୍କ ପକ୍ଷରୁ ଶୁକ୍ରବାର ବଟଲିଂ ପ୍ଲାଣ୍ଟ ଶ୍ରମିକ ସଂଘ ନେତା ବିଜୟ କୁମାର ସ୍ୱାଇଁଙ୍କ ସମେତ ଅନ୍ୟ କେତେକଙ୍କ ବିରୁଦ୍ଧରେ ଆସିକା ଥାନାରେ ଅଭିଯୋଗ କରାଯାଇଥିଲା। ନଂ.୩୯୪/୧୯ରେ ମାମଲା ରୁଜୁ କାରଯାଇଥିଲା।

## ଡିଆର୍‌ଡିଏ କର୍ମଚାରୀଙ୍କୁ ମିଳୁନି ପେନ୍‌ସନ

**ଛତ୍ରପୁର,୨୬। ୧୦(ଡି.ଏନ.ଏ.)**

ଗଞ୍ଜାମ ଜିଲା ଛତ୍ରପୁରସ୍ଥିତ ଗ୍ରାମ୍ୟ ଉନ୍ନୟନ ସଂସ୍ଥା କର୍ମଚାରୀମାନେ ଅବସର ପରେ ପେନ୍‌ସନ୍‌ରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ଷ୍ଟେନୋଗ୍ରାଫର, କିରାଣି, ପ୍ରୋଗ୍ରାମ ଅଫିସର, ଡ୍ରାଇଭର, ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ପାଇଁ ସରକାର ପେନ୍‌ସନ୍ ବ୍ୟବସ୍ଥା କରିନାହାନ୍ତି। ଏମାନେ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କ ପରି ସମୟ ନିର୍ଘଣ୍ଟ ଅନୁଯାୟୀ କାର୍ଯ୍ୟ କରନ୍ତି। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ସହ ସଂଶ୍ଳିଷ୍ଟ ହେବା ସହିତ ଗ୍ରାମାଞ୍ଚଳର ସମସ୍ତ ଉନ୍ନୟନ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ସମ୍ପନ୍ନ କରିଥାଏ। ଉପରୋକ୍ତ କର୍ମଚାରୀମାନଙ୍କୁ ଏହି ସବୁ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବା ପାଇଁ ନିରୂପିତ ସମୟ ବ୍ୟତିରେକେ ଅଧିକ ସମୟ ଧରି କାର୍ଯ୍ୟ ସମ୍ପାଦନ କରିବାକୁ ପଡିଥାଏ। ଏହି କର୍ମଚାରୀମାନେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପରି ବେତନ ହାର ଓ ଅନ୍ୟାନ୍ୟ ସୁବିଧା ପାଉଛନ୍ତି। ପେନସନ୍ ସୁବିଧା ନ ଥିବାରୁ ବାର୍ଦ୍ଧକ୍ୟରେ ସେମାନଙ୍କର ଆର୍ଥିକ ଅବସ୍ଥା ଦୁର୍ବିଷହ ହୋଇପଡୁଛି। ରାଜ୍ୟ ସରକାର ଏହାକୁ ବିଚାର କରି ଗ୍ରାମ୍ୟ ଉନ୍ନୟନ ସଂସ୍ଥା କର୍ମଚାରୀମାନଙ୍କ ପାଇଁ ପେନ୍‌ସନ୍ ଲାଗୁ କଲେ ଅନେକ ପରିବାରଙ୍କ ଭବିଷ୍ୟତ ସୁରକ୍ଷିତ ରହିପାରନ୍ତା। ପେନସନ ଦେବାକୁ କର୍ମଚାରୀମାନେ ଦାବି କରିଛନ୍ତି।

### ପୁଡିଆକୁ କେନ୍ଦ୍ରକରି ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା

## ମାମଲା ରୁଜୁ କଲା ପୋଲିସ

**ଛତ୍ରପୁର,୨୬।୧୦(ଡି.ଏନ.ଏ.)**

ଛତ୍ରପୁର ଥାନା ମହାନାଦପୁର ପଞ୍ଚାୟତ ସିଙ୍ଗିପୁର ଗାଁରେ ଶୁକ୍ରବାର ରାତିରେ ବ୍ୟବସାୟୀ ସୁଶାନ୍ତ କୁମାର ପାତ୍ରଙ୍କ ଉପରେ ଗୁଳିମାଡ ହୋଇଥିଲା। ସେ ଆହତ ହୋଇଛନ୍ତି। ଏନେଇ ସୁଶାନ୍ତଙ୍କ ପୁଅ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା (୨୭୫/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି। ପୁଡିଆ ଖାଇବାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ସିଙ୍ଗିପୁର ଗାଁରେ ସୁଶାନ୍ତଙ୍କ ଘର ସହ ଦୋକାନ ଅଛି। ଶୁକ୍ରବାର ରାତିରେ ସୁଶାନ୍ତ ବ୍ରହ୍ମପୁର ଯାଇଥିବା ବେଳେ ତାଙ୍କ ପୁଅ ଦୋକାନରେ ଥିଲେ। ଦୋକାନକୁ ଆସି ସଞ୍ଜୟ ବାରିକ ପୁଡିଆ ମାଗିଥିଲେ। ସେ ପୁଡିଆ ଦେଇଥିଲେ। ସୁଶାନ୍ତଙ୍କ ପୁଅ ଟଙ୍କା ମାଗିବାରୁ ସଞ୍ଜୟ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହା ଶୁଣି ସୁଶାନ୍ତଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ସଞ୍ଜୟ ଗାଳିଗୁଲଜ କରିଥିଲେ। ଦୋକାନ ସମ୍ମୁଖରେ ସଞ୍ଜୟଙ୍କ ଘର ଥିବାରୁ ଏହା ଶୁଣି ତାଙ୍କ ବାପା ଓ ମା' ପହଞ୍ଚି ଏହାକୁ ବାରଣ କରିଥିଲେ। ପରେ ନିଜ ବାପା ଓ ମା'ଙ୍କୁ ମଧ ସଞ୍ଜୟ ମାଡ ମାରିଥିବା ତାଙ୍କ ବାପା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ସମୟରେ ସୁଶାନ୍ତ ପହଞ୍ଚିଥିଲେ। ସୁଶାନ୍ତ ଓ ସଞ୍ଜୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ସଞ୍ଜୟ ଘରକୁ ଯାଇ ପିସ୍ତଲ ଆଣି ଆସିଥିଲେ। ସୁଶାନ୍ତଙ୍କ ଉପରକୁ ପଛପଟୁ ଗୁଳି ମାଡ କରିଥିଲେ। ଗୁଳି ସୁଶାନ୍ତଙ୍କ ଦେହରେ ବାଜି ବାହାରି ଯାଇଥିଲା। ଫଳରେ ସେ ଆହତ ହୋଇଥିଲେ। ପରେ ସଞ୍ଜୟ ସେଠାରୁ ଫେରାର ହୋଇଯାଇଥିଲେ। ସୁଶାନ୍ତଙ୍କୁ ଚିକିତ୍ସା ଲାଗି ଛତ୍ରପୁର ହସ୍ପିଟାଲ ଓ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଛତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଖୋକା ଜବତ କରିବା ସହ ତଦନ୍ତ ଚଳାଇଛି।

# ସାମାଜିକ ସୁରକ୍ଷା, ଦିବ୍ୟାଙ୍ଗ ଚିହ୍ନଟ କାର୍ଯ୍ୟକ୍ରମ

**ହାତୀଓଟ,୨୬।୧୦**

ପୋଲସରା ବ୍ଲକସ୍ଥିତ ହାତୀଓଟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜିଲା ପ୍ରଶାସନ ନିର୍ଦ୍ଦେଶରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଚିହ୍ନଟ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ସାଇନ୍ସ ଭୁବନେଶ୍ୱର ପକ୍ଷରୁ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଏକ ଦିବସୀୟ ଚିହ୍ନଟ ଶିବିର ହୋଇଥିଲା। ଶିବିରକୁ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦିବ୍ୟାଙ୍ଗଙ୍କ ମଧ୍ୟରୁ ୧୦୦ ଜଣ ନିଜର ପଞ୍ଜୀକରଣ କରିଥିଲେ। ବ୍ରହ୍ମପୁର ବଡ ମେଡିକାଲରୁ ଡା.ରାଜେଶ ସାହୁ ଯୋଗଦେଇ ସେମାନଙ୍କୁ ଚିକିତ୍ସା କରିଥିଲେ। ଏମାନଙ୍କ ସରଞ୍ଜାମ ଆସନ୍ତା ଦିନରେ ବ୍ଲକ ପିଏଓଙ୍କ ଅଫିସ୍‌କୁ ପଠାଇ ଦିଆଯିବ ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ସାଇନ୍ସ ଭୁବନେଶ୍ୱର, ଓଡ଼ିଶାର ଅଧିକାରୀମାନେ କହିଛନ୍ତି। କାର୍ଯ୍ୟକ୍ରମରେ ପୋଲସରା ବିଡିଓ ଶମ୍ଭୁନାଥ ନନ୍ଦୀ ଉପସ୍ଥିତ ଥିଲେ। ପିଏଓ ପୂର୍ଣ୍ଣଚନ୍ଦ୍ର ବେହେରା, ଜିପିଇଓ ଗୋପବନ୍ଧୁ ବେହେରା, ହାତୀଓଟ ଗ୍ରାମପଞ୍ଚାୟତର ସରପଞ୍ଚ ଓ ଅଙ୍ଗନୱାଡି ବ୍ଲକ ସଭାପତି ଜ୍ୟୋତ୍ସ୍ନାରାଣୀ ମିଶ୍ର ସହଯୋଗ କରିଥିଲେ।

## ଆମ ପୋଲିସ ସମିତି ବୈଠକ

**ଖଲ୍ଲିକୋଟ,୨୬।୧୦(ଡି.ଏନ.ଏ.)**

ଖଲ୍ଲିକୋଟ ଥାନାରେ ଶୁକ୍ରବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସତ୍ୟରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ଏସ୍‌ଆଇ ସିଲୁ ଧଳ, ଏଏସଆଇ ପଞ୍ଚାନନ ଶତପଥୀ ମଞ୍ଚାସୀନ ଥିଲେ। ଆଇଆଇସି ପ୍ରଧାନଙ୍କୁ ସ୍ୱାଗତ କରାଯାଇଥିଲା। ଖଲ୍ଲିକୋଟ ଅଞ୍ଚଳର ବିଭିନ୍ନ ସ୍ଥାନରେ ହେଉଥିବା ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି ସନ୍ଦେହ ଦୂର ପାଇଁ ସଚେତନତା ସୃଷ୍ଟି କରିବା ଲାଗି ସେ କହିଥିଲେ। ଖଲ୍ଲିକୋଟ ଟାଉନକୁ ସିସି କ୍ୟାମେରା ପରିଧି ମଧ୍ୟରେ ରଖାଯାଇ ଅସାମାଜିକ କାର୍ଯ୍ୟ ଦୂର କରାଯିବ ବୋଲି କହିଥିଲେ। ନୂଆଗାଁ ଗୋଷ୍ଠୀ ସଂଘର୍ଷ, ଗୋପପୁର ଦଳିତ ସାହିରେ ଅନ୍ଧବିଶ୍ୱାସ ଦୂର ପାଇଁ ସଚେତନତା କାର୍ଯ୍ୟକ୍ରମ, ରାତି ପାଟ୍ରୋଲିଂ ଆଦି ବହୁ ପଦକ୍ଷେପ ନେଇଛନ୍ତି। ବୈଠକରେ ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ବନମାଳୀ ବାଲା, ବିକ୍ରମପୁର ପ୍ରଶ୍ନ ଆଚାର୍ଯ୍ୟଙ୍କ ସମେତ ବହୁ ପିଆଇ ମେମ୍ବର ଓ ଆମ ପୋଲିସ ସମିତି ମେମ୍ବର ଉପସ୍ଥିତ ଥିଲେ।

# ସମିତିସଭ୍ୟଙ୍କୁ ସମ୍ବର୍ଦ୍ଧନା

**ଆସିକା,୨୬।୧୦(ଡି.ଏନ୍.ଏ.)**

ଆସିକା ବ୍ଲକ ବରଗାଁ ପଞ୍ଚାୟତ ସମିତିସଭ୍ୟ ଶିବ ନାହାକଙ୍କୁ ଶନିବାର ସନ୍ଧ୍ୟାରେ ଆସିକା ବିଜୁ ପଟ୍ଟନାୟକ ଛକଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ବୁଧବାର ନୂଆଦିଲ୍ଲୀ ସ୍ଥିତ ଜାତୀୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏକ ଉତ୍ସବରେ ୨୦୧୭-୧୮ ଲାଗି ବରଗାଁ ପଞ୍ଚାୟତକୁ ନାନାଜୀ ଦେଶମୁଖ୍ ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର ପ୍ରଦାନ କରାଯାଇଥିଲା। ସମିତିସଭ୍ୟ ଶିବ ନାହାକ ପଞ୍ଚାୟତ ପକ୍ଷରୁ ଏହି ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ। ଦିଲ୍ଲୀରୁ ଫେରିବା ରାସ୍ତାରେ ଶନିବାର ଅପରାହ୍ନରେ ନାହାକଙ୍କୁ ପଥରାଠାରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା, ସନ୍ଧ୍ୟାରେ ବିଧାୟିକାଙ୍କ ଗହଣରେ ସମିତିସଭ୍ୟ ନାହାକଙ୍କୁ ଆସିକା ଅଞ୍ଚଳବାସୀଙ୍କ ପକ୍ଷରୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା।



ଆସିକା ବିଧାୟିକାଙ୍କ ସହ ସମିତିସଭ୍ୟ ଶିବ ନାହାକ।

# ବହୁ ଚାଷଜମି ଜଳମଗ୍ନ, ଚିନ୍ତାରେ ଚାଷୀ

**ଗୋପାଳପୁର,୨୬।୧୦**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ଲାଗି ରହିଛି। ଫଳରେ ଗଞ୍ଜାମ ଜିଲାର ଅଧିକାଂଶ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଖାଲୁଆ ଅଞ୍ଚଳରେ ରହୁଥିବା ଲୋକମାନେ ପାଣି ଘେରରେ ରହିଛନ୍ତି। ଆକଳନ ଅନୁଯାୟୀ ଗଞ୍ଜୁ, ଗୋଳାବନ୍ଧ, କୋଳଥିଗାଁ, ବୁରୁକୁଦି, ଷୋଳବିନ୍ଧା, କୀର୍ତ୍ତିପୁର, ଫୁଲଟା, ଆରୁଆପଲ୍ଲୀ, କମଳାପୁର, ନୂଆଗୋଳାବନ୍ଧ, ହାତୀପାଦ, ଓଙ୍କଳପାଡୁ, ଚନ୍ଦନ ବାଡ଼ ଆଦି ତଳିଆ ଅଞ୍ଚଳର ଚାଷଜମିରେ ବର୍ଷା ପାଣି ଜମି ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସହରାଞ୍ଚଳ ଡ୍ରେନେଜ ବିଭାଗ, ଜଳସେଚନ ବିଭାଗ ସହ କ୍ଷୁଦ୍ର ଜଳସେଚନ ବିଭାଗର ଅବହେଳା ଯୋଗୁ ତଳିଆ ଅଞ୍ଚଳରେ ଚାଷଜମିଗୁଡିକ କ୍ଷତିଗ୍ରସ୍ତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ସହକାରୀ କୃଷି ଅଧିକାରୀ ସୁରେନ୍ଦ୍ର ଦାସଙ୍କୁ ପଚାରିବାରୁ ତଳିଆ ଅଞ୍ଚଳରେ ଥିବା ୧୫୦୦ ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିବା ବେଳେ ବିଭାଗରେ କାର୍ଯ୍ୟରତ ଗ୍ରାମସେବକମାନେ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରି ରିପୋର୍ଟ ପ୍ରସ୍ତୁତ କରୁଥିବା ସହ ଚାଷଜମିରୁ ଜଳନିଷ୍କାସନ ହେବା ପରେ ପ୍ରକୃତ କ୍ଷୟକ୍ଷତି ଆକଳନ କରାଯିବ ବୋଲି ସୂଚନା ଦେଇଛନ୍ତି।



ଜଳମଗ୍ନ ଚାଷଜମି।

ପ୍ରକାଶ ଯେ, ବ୍ରହ୍ମପୁର ସହର ଦେଇ ପ୍ରବାହିତ ହେଉଥିବା ବାହାନା ନାଳ ଓ ସାପୁଆ ନାଳ ରଙ୍ଗେଇଲୁଣ୍ଡା ବ୍ଲକର ଅନେକ ଅଞ୍ଚଳ

**ରଙ୍ଗେଇଲୁଣ୍ଡା ବ୍ଲକ**

ଦେଇ ମାର୍କଣ୍ଡୀ ଓ ସୁନାପୁର ଦେଇ ସମୁଦ୍ରରେ ମିଶିଯାଏ। କିନ୍ତୁ ଆଜି ଯାଏ ଉଭୟ ସ୍ଥାନରେ ମୁହାଣଟିଏ ନିର୍ମାଣ ହୋଇପାରି ନ ଥିବାରୁ ଉକ୍ତ ନାଳର ପାଣି ସମୁଦ୍ରରେ ମିଶିପାରୁନାହିଁ। ଏହି ଦୁଇ ନାଳରେ ଋଷିକୁଲ୍ୟାର ପାଣି ସହ ବ୍ରହ୍ମପୁର ସହରର ନାଳନର୍ଦ୍ଦାମା ପାଣି ମଧ ପ୍ରବାହିତ ହେଉଛି। ଅଧିକ ବର୍ଷା ଯୋଗୁ ଏହି ଦୁଇ ନାଳରେ ପାଣି ଭରିଯାଇ କୋଳଥିଗାଁ ପାଟସୁନୁପୁର ବେକ ୱାଟରରେ ଜମା ହୋଇଥାଏ। ସମୁଦ୍ରକୁ ଜଳ ନିଷ୍କାସନ ପାଇଁ ଆଜି ଯାଏ ସହରାଞ୍ଚଳ ଡ୍ରେନେଜ ବିଭାଗ କିମ୍ବା ଜଳସେଚନ ବିଭାଗ ଉପଯୁକ୍ତ ନାଳର ବ୍ୟବସ୍ଥା କରି ନ ଥିବାରୁ ଚାଷଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଫେରାର୍ ଅଭିଯୁକ୍ତ ଗିରଫ

**ଆସିକା,୨୬।୧୦(ଡି.ଏନ୍.ଏ.):** ଆସିକା ଥାନା ଇଲାକାରେ ବିଭିନ୍ନ ମାମଲାରେ ଅଭିଯୁକ୍ତ ଥାଇ ଅଦାଲତରେ ହାଜର ହେଉନଥିବା ଅଭିଯୋଗରେ ପୋଲିସ ଗୁରୁବାର ରାତିରେ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୀଳାଞ୍ଚଳ ନାୟକ (କମାଗଡ), ଲମ୍ବୋଦର ନାହାକ (କୋଡିନଡା) ଓ ଅମର ରାଉତ (ଅସୁରାଇପଲ୍ଲୀ)। ଶୁକ୍ରବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଫୌଜଦାରୀ ମାମଲାରେ ଅଭିଯୁକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବାରୁ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ୱାରେଣ୍ଟ ବଳରେ ପୋଲିସ ଗିରଫ କରିଥିଲା।

### ମଦ ଜବତ ଅଭିଯୁକ୍ତ ଗିରଫ

**ଆସିକା,୨୬।୧୦(ଡି.ଏନ୍.ଏ.):** ଆସିକା ବସଷ୍ଟାଣ୍ଡ ସଂଲଗ୍ନ ଏରୋଗୋଲେ କ୍ୟାମ୍ପ ନିକଟରୁ ଶୁକ୍ରବାର ପୋଲିସ ୨୫ ଲିଟର ରନ୍ଧାମଦ ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶଙ୍କର ବେହେରା। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ.୩୯୫/୧୯ରେ ଏକ ମାମଲା ରୁଜୁ କରାଯାଇ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଚକ୍ଷୁ ପରୀକ୍ଷା ଶିବିର

**ଶେରଗଡ, ୨୬।୧୦(ଡି.ଏନ.ଏ.):** ଶେରଗଡ ବ୍ଲକ କୁରୁଳା ଗ୍ରାମରେ ଗୁରୁବାର ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଭୀମସେନ ଚୌଧୁରୀ ଉକ୍ତ ଶିବିରକୁ ଶୁଭାରମ୍ଭ କରିଥିଲେ। ଆଶୀଷ କୁମାର ସାହୁ, ନଳନୀ କାନ୍ତ ରାଉତ, ଭଗବାନ ପଣ୍ଡା, ସ୍ମିତାରାଣୀ ଜେନା ପ୍ରମୁଖଙ୍କ ଉପସ୍ଥିତିରେ ୪୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶିବିରରେ ୮ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ୧୫ ଜଣଙ୍କ ପରଳ ଚିକିତ୍ସା ପାଇଁ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ନିଆଯାଇଛି। ଶଙ୍କର ଚକ୍ଷୁ ହସ୍‌ପିଟାଲ ପକ୍ଷରୁ ଆୟୋଜିତ ଶିବିରରେ ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇଥିଲେ।

### ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ଦିଗପହଣ୍ଡି,୨୬।୧୦(ଡି.ଏନ.ଏ.)-ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଦିଗପହଣ୍ଡି ବ୍ଲକ ଚଷା ନିମଖଣ୍ଡି ଗ୍ରାମ ରାଜୀବଗାନ୍ଧୀ ସେବାକେନ୍ଦ୍ର ପରିସରରେ ଚତୁର୍ଥ ପର୍ଯ୍ୟାୟ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଉପୁଜୁଥିବା ବିଭିନ୍ନ ଜମିଜମା ସମସ୍ୟାର ତତ୍କାଳ ସମାଧାନ ଉପରେ କହିଥିଲେ। ସେ ପରେ ଉପସ୍ଥିତ ହିତାଧିକାରୀମାନଙ୍କୁ ବିଭିନ୍ନ ପଟ୍ଟା ଓ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଗଞ୍ଜାମ ଜିଲା ରାଜସ୍ୱ ବିଭାଗ ପକ୍ଷରୁ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ମନୋଜ ପ୍ରଭାକର କୁଞ୍ଜୁର, ବିଡିଓ ହଳଧର ଶବର, ସରପଞ୍ଚ ପୀତାମ୍ବର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ଦିଗପହଣ୍ଡି ତହସିଲ ଅଧୀନରେ ଥିବା ୭ ପଞ୍ଚାୟତରୁ ମୋଟ ୬୫ ଜଣଙ୍କ ଲିଖିତ ଅଭିଯୋଗ ହୋଇଥିଲା। ଏବଂ ପ୍ରାକୃତିକ ବିପର୍ଯ୍ୟୟ ଘଟି ମୃତ୍ୟୁବରଣ କରିଥିବା ଶଙ୍କରଖାଲି ଗ୍ରାମର ସୁଷମା ନାୟକଙ୍କ ସ୍ୱାମୀ ଭାସ୍କରଙ୍କୁ ୬ ଲକ୍ଷ ଟଙ୍କାର ଅନୁକମ୍ପା ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

# ଡ୍ରେନ୍‌ରେ ଭର୍ତ୍ତି ହୋଇଛି ପଲିଥିନ

**ଭଞ୍ଜନଗର,୨୬।୧୦(ଡି.ଏନ.ଏ.)**



ଗାଇ ଫାର୍ମ ସମ୍ମୁଖରେ ମଇଳା ଭରି ରହିଛି।

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ସମଗ୍ର ଦେଶରେ ପ୍ରତିବନ୍ଧକ ଲଗାଯାଇଛି। ଆଇନକୁ କଡାକଡି ଭାବେ ପାଳନ କରିବାକୁ ପ୍ରଶାସନ ପଦକ୍ଷେପ ନେଉଛି। ତଥାପି ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହୋଇନାହିଁ। ଏବେବି ଅନେକ ଗୋଦାମ ମାଲିକ ଓ ବ୍ୟବସାୟୀମାନଙ୍କ ପାଖରେ ପୁରୁଣା ପଲିଥିନ ଓ ପ୍ଲାଷ୍ଟିକ ମହଜୁଦ୍ ରହିଛି, ଯାହାଏବେ ବ୍ୟବହାର ହେଉଛି। ପ୍ଲାଷ୍ଟିକ୍ ପାଣି ବୋତଲ ଉପରେ ପ୍ରତିବନ୍ଧକ ଲାଗିଥିଲେ ମଧ୍ୟ ଏହା ବ୍ୟବହାର ହେଉଛି। ଭଞ୍ଜନଗର ସହରରେ ମଧ୍ୟ ପଲିଥିନ ଓ ପ୍ଲାଷ୍ଟିକ୍ ବହୁଳଭାବେ ବ୍ୟବହାର ହେଉଛି। ବ୍ୟବହୃତ ପ୍ଲାଷ୍ଟିକ ଓ ପଲିଥିନ ରୋଡ ଏବଂ ଡ୍ରେନରେ ଭାସୁଛି। ଠିକ୍‌ରେ ସଫେଇ ହେଉ ନ ଥିବାରୁ ଅସରାଏ ବର୍ଷା ହେଲେ ଏସବୁ ରାସ୍ତାରେ ଭାସୁଛି। ଏହା ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଏନ୍‌ଏସି ପକ୍ଷରୁ ବାରମ୍ବାର ବିଭିନ୍ନ ଅନୁଷ୍ଠାନ ଉପରେ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଉଛି। ସହରର ମୁଖ୍ୟ ଅଞ୍ଚଳରେ କିଛି ମାତ୍ରାରେ ସଫେଇ କରାଯାଉଥିବାବେଳେ ଲଣ୍ଡେଇସାହି ଛକ, ଭେଜିପୁଟ ସୂର୍ଯ୍ୟ ମନ୍ଦିର ପରେ ସଫେଇ ପ୍ରାୟ ଠିକ୍ ଭାବେ ହେଉନାହିଁ। କୁକୁଡା ଫାର୍ମ, ଗାଇ ଫାର୍ମ, ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଛକ ଅଞ୍ଚଳରେ ମଇଳା ଭରିରହିଛି। କଲେଜ ରୋଡ ବାଇପାସ୍ ଛକରେ ମାଛ ବଜାରର ଆବର୍ଜନା ପଡି ଦୁର୍ଗନ୍ଧ ହେଉଛି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ପୁରୁଣାବଜାର ସାହି, ଚିରଞ୍ଜୀବି ପଟ୍ଟନାୟକ ସାହି, ବାଗ୍‌ଦେବୀ ରୋଡ ଅଞ୍ଚଳରେ ମଧ୍ୟ ସଫେଇ ଠିକ୍ ଭାବେ ହେଉନାହିଁ। ଲୋକେ ମନଇଚ୍ଛା ଘର ତିଆରି କରୁଥିବା ଯୋଗୁ ଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି। ଅନ୍ୟପକ୍ଷରେ ୨ମାସରୁ ଊର୍ଦ୍ଧ୍ୱ ହେଲା ଭଞ୍ଜନଗର ଆର୍‌ସିରୋଡରୁ ଜବରଦଖଲ ଉଚ୍ଛେଦ ହେଲାଣି। ଆଜି ପର୍ଯ୍ୟନ୍ତ ମାତ୍ର ୨୦ ପ୍ରତିଶତ କାମ ସରିଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଡ୍ରେନ କାମ ସରି ନ ଥିବା ଯୋଗୁ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଘରୁ ବାହାରକୁ ଆସୁଛନ୍ତି। ଡ୍ରେନ୍ ପାଇଁ ରାସ୍ତା ଉଭୟ ପାର୍ଶ୍ୱ ଖୋଳାଯାଇଥିବାରୁ ଭାରିଯାନ, ୪ ଚକିଆ ଯାନ ଯାତାୟାତ କରିପାରୁନାହିଁ। ଆର୍‌ସିରୋଡ ସହରର ଏକ ମୁଖ୍ୟ ରାସ୍ତା ହୋଇଥିବାବେଳେ ଡ୍ରେନ୍ କାମ ବିଳମ୍ବକୁ ନେଇ ନାନା ପ୍ରଶ୍ନ ଉଠିଛି। ବଡ ସହର ଭଳି ଭଞ୍ଜନଗରରେ ମଧ୍ୟରାତିରେ ଡ୍ରେନ କାମ କରିବାକୁ ଦାବି ହୋଇଛି। ତୁରନ୍ତ କାମ ନ ସରିଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ହାତୀଓଟ,୨୬।୧୦**

ପୋଲସରା ବ୍ଲକର ସମସ୍ତ କ୍ଲଷ୍ଟର ମାନଙ୍କରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦାର ଓ ହାତୀଓଟ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ସିଆର୍‌ସିସି ଦିଗାମ୍ବର ମିଶ୍ର ଓ ଜଗନ୍ନାଥ ପଣ୍ଡା ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ଏବିଇଓ ବ୍ରହ୍ମାନନ୍ଦ ରଥ ଯୋଗ ଦେଇଥିଲେ। ବର୍ତ୍ତିନୀ କ୍ଲଷ୍ଟରର ୧୪ ଗୋଟି ସ୍କୁଲରୁ ମୋଟ ୨୮୦ଜଣ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନ୍ଦାର ସ୍ଥିତ ମା' ଭରାଣ୍ଡି ନୋଡାଲ ହାଇସ୍କୁଲରେ ପହଞ୍ଚିଥିଲେ। ସେହିପରି ହାତୀଓଟ କ୍ଲଷ୍ଟରରୁ ୧୪ ଗୋଟି ସ୍କୁଲରୁ ୧୬୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ହାତୀଓଟ ଓ ବର୍ତ୍ତିନି କ୍ଲଷ୍ଟରରୁ ୯୨ ଜଣ ଛାତ୍ରୀଛାତ୍ରଙ୍କୁ ଫଳକ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଉଭୟ ସ୍କୁଲର ପ୍ରଧାନ ଶିକ୍ଷକ ପି. କ୍ରିଷ୍ଣାରାଓ ଦୋରା ଓ ଶରତ ଚନ୍ଦ୍ର ନାୟକଙ୍କ ସହ ସରପଞ୍ଚ କାଳୀ ଚରଣ ନାୟକ ଓ ନାରାୟଣ ସେଠୀଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ଫଳକ ସହ ମାନପତ୍ର ପ୍ରଦାନ କରାଯାଇଥିଲା।


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଆୟୁର୍ବେଦିକ ଚିକିତ୍ସାରେ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ



ମଞ୍ଚାସୀନ ଅତିଥି।

**ଭଞ୍ଜନଗର,୨୬।୧୦(ଡି.ଏନ.ଏ)**

ଘୁମୁସର ବୈଦ୍ୟ ସଂଘ ପକ୍ଷରୁ ଶନିବାର ଧନ୍ୱନ୍ତରୀ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘର କୁଶପଲ୍ଲୀ କାର୍ଯ୍ୟାଳୟ ପରିସରରେ ଏକ ସଭା ହୋଇଥିଲା। ଏଥିରେ ବକ୍ତାମାନେ ଯୋଗଦେଇ ଏଲୋପାଥି ଔଷଧ ବ୍ୟବହାରରେ ବେଳେବେଳେ ପାର୍ଶ୍ୱ ପ୍ରତିକ୍ରିୟା ରହୁଛି। କିନ୍ତୁ ଆୟୁର୍ବେଦିକ ଔଷଧ ବ୍ୟବହାରରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ତେଣୁ ଏଥିପ୍ରତି ଲୋକଙ୍କ ଆଗ୍ରହ ଦିନକୁ ଦିନ ବଢୁଛି ବୋଲି କହିଥିଲେ। ଉତ୍ସବରେ ଆଇଏଫ୍‌ଏସ୍ ଅଧିକାରୀ କେଦାର ଚନ୍ଦ୍ର ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୋପାଳକୃଷ୍ଣ ପତି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କୃଷି ବିଶେଷଜ୍ଞ ରାଜେନ୍ଦ୍ର ପ୍ରସାଦ ଦାସ, ଲେଖକ ମନୁନନ୍ଦ ପତି, ଶ୍ୟାମସୁନ୍ଦର ରଣସିଂ, ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜି, ଶୁଳପାଣି ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଆୟୁର୍ବେଦିକ ଚିକିତ୍ସକ ବୃନ୍ଦାବନ ନାୟକ ଓ କେଦାର ନାଥ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସୁବ୍ରତ କୁମାର ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ଦିଲୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ଆମ୍ବପୁଆ ଆର୍ତ୍ତତ୍ରାଣ ଚିକିତ୍ସାଳୟ ପରିସରରେ ମଧ ଧନ୍ୱନ୍ତରୀ ଜୟନ୍ତୀ ପାଳିତ ହୋଇଯାଇଛି। ଡ. ସୀମାଞ୍ଚଳ ପତି ଏଥିରେ ଅଧ୍ୟକ୍ଷତା କରି ଆୟୁର୍ବେଦିକ ଚିକିତ୍ସା ମାଧ୍ୟମରେ କିଭଳି ଡେଙ୍ଗୁରୋଗକୁ ନିୟନ୍ତ୍ରଣ କରାଯାଇ ପାରୁଛି ସେନେଇ କହିଥିଲେ। ଚନ୍ଦନ ରଣା, ପ୍ରଫୁଲ୍ଲ କୁମାର ଦଳେଇ, ରାମଚନ୍ଦ୍ର ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି

**ଆସିକା,୨୬।୧୦(ଡି.ଏନ୍.ଏ.)**

ଆସିକା ବ୍ଲକ ଦେବଭୂମି ପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ହୋଇଥିଲା। ଆସିକା ବିଡିଓ ସତ୍ୟ ସୁନ୍ଦର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର୍ ଆଶୁତୋଷ ଗୌରବ କର, ସିଡିପିଓ ଭାରତୀ ମହାପାତ୍ର, ଜୟରାମ ଲେଙ୍କାଙ୍କ ସମେତ କୃଷି, ପଶୁ ସମ୍ପଦ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ସାମିଲ୍ ଥିଲେ। ଏହି ଅବସରରେ ବ୍ଲକର ଦେବଭୂମି, ବାଲିଛାଇ, ଗୁଣ୍ଠପଡା, ମଙ୍ଗଳପୁର, ଗଙ୍ଗାପୁର, ଚଡିଆପଲ୍ଲୀ ଆଦି ପଞ୍ଚାୟତର ୧୯୫ ଅଭିଯୋଗ ଦାଖଲ କରାଯାଇଥିଲା। ଜିଲାପରିଷଦ ସଦସ୍ୟ ଗୌରହରି ବେହେରା, ଦେବଭୂମି ସରପଞ୍ଚ ବିଜୟ କୁମାର ଦଳାଇଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଆମ ପୋଲିସ ସମିତି ବୈଠକ

**ଶେରଗଡ,୨୬।୧୦(ଡି.ଏନ.ଏ.)**

ଶେରଗଡ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ପୂର୍ବ ବୈଠକର ବିବରଣୀ ପାଠପରେ ବୈଠକ ଆରମ୍ଭ ହୋଇଥିଲା। ଶେରଗଡ ବଜାର ଛକରୁ କାଳିଆ ହୋଟଲ ଛକ ପର୍ଯ୍ୟନ୍ତ ରାସ୍ତା କଡ ଅବରୋଧ ହୋଇଛି, ଜଗନ୍ନାଥ ମନ୍ଦିରରୁ ଶିବ ମନ୍ଦିର ରାସ୍ତା କଡରେ ପରିସ୍ରାକରିବା ଯୋଗୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। କାର୍ତ୍ତିକ ମାସ ହେତୁ ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର, ଶିବ ମନ୍ଦିରରେ ଗହଳି ହେଉଛି। ସେଠାରେ ପୋଲିସ ମୁତୟନ ସହ ବ୍ୟବସାୟୀମାନଙ୍କୁ ଡାକି ରାସ୍ତା ଅବରୋଧ ନକରିବାକୁ ପରାମର୍ଶ ଦେବା ଉପରେ ବୈଠକରେ ମତ ପ୍ରକାଶ ପାଇଥିଲା। କୋଚିଂ ସେଣ୍ଟର ଶିକ୍ଷକ ମାନଙ୍କୁ ଡକାଇ ପରିସ୍ରାଗାର ନିର୍ମାଣ ପାଇଁ ପ୍ରବର୍ତ୍ତାଇବାକୁ ଥାନା ଅଧିକାରୀ ଦାସ କହିଥିଲେ। ୫-ଟି ସମ୍ପର୍କରେ ଥାନା ଅଧିକାରୀ କହିବା ସହ ସଭ୍ୟମାନେ ଏହାକୁ ପ୍ରଶଂସା କରିଥିଲେ। ଦୋଷୀ ସାବ୍ୟସ୍ତ ବକ୍ତି ବା ଏଥିରେ ସମ୍ପୃକ୍ତଙ୍କୁ ଆମ ପୋଲିସ ସମିତିର ସଭ୍ୟଭାବେ ନିଆଯିବା ନାହିଁ ବୋଲି ଆଲୋଚନା ହୋଇଥିଲା। ୨ଜଣ ସଭ୍ୟ ଅନୁପସ୍ଥିତ ରହୁ ଥିବାଯୋଗୁ ତାଙ୍କ ଜାଗାରେ ଖାସ୍‌ପାର ତାରିଣି ଚରଣ ସ୍ୱାଇଁ, କୃଷ୍ଣଛାଇର ମୋଚିରାମ ପ୍ରଧାନଙ୍କୁ ସଭ୍ୟ ଭାବେ ମନୋନୟନ କରାଯାଇଥିଲା। ବୈଠକରେ ବାସୁଦେବ ରାଉତ, ସୀତାରାମ ପଟ୍ଟନାୟକ, ପ୍ରସନ୍ନ କୁମାର ପଣ୍ଡା, ରାଜେଶ୍ୱର ସୁବୁଦ୍ଧି, ବି.ଚେଇନ ପାତ୍ର ଗଣେଷ ପ୍ରଧାନଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

# ଗାୟତ୍ରୀ ମହାଯଜ୍ଞ ଲାଗି ପ୍ରସ୍ତୁତି ବୈଠକ

**ଆସିକା,୨୬।୧୦(ଡି.ଏନ୍.ଏ.)**


ବୈଠକରେ ଉପସ୍ଥିତ ଗାୟତ୍ରୀ ପରିବାର ସଦସ୍ୟ।

**ହରିଦ୍ୱାରରୁ ଆସିବ ଶକ୍ତିକଳସ**

ଆସିକା ଠାରେ ଜାନୁୟାରୀ ୨୯ରୁ ଫେବୃୟାରୀ ୧ ଯାଏ ୪ଦିନ ଧରି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବ। ଆସିକା ଟାଉନ ହଲଠାରେ ଆସିକା ଗାୟତ୍ରୀ ପରିବାର ପକ୍ଷରୁ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ବୃତାନ୍ତ ଖସଡା ପ୍ରସ୍ତୁତ କରାଯାଇଛି। ନଭେମ୍ବର ୧୭ରେ ୭୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏଠାରୁ ଗାୟତ୍ରୀ ଶକ୍ତିପୀଠ ଶାନ୍ତିକୁଞ୍ଜ ହରିଦ୍ୱାର ଯାଇ ଶକ୍ତିକଳସ ନେଇ ଆସିକା ଫେରିବେ। ନଭେମ୍ବର ୨୫ରେ ଏହି ଶକ୍ତି କଳସକୁ ଶୋଭାଯାତ୍ରାରେ ବ୍ରହ୍ମପୁରରୁ ଆସିକା ଅଣାଯିବ। ଶକ୍ତି କଳସକୁ ଆସିକା ଅଞ୍ଚଳର ୧୦୮ଖଣ୍ଡ ଗ୍ରାମକୁ ନେଇ ପରିକ୍ରମା ସହ ପ୍ରତ୍ୟେକ ଗ୍ରାମରେ ଦୀପ ଯଜ୍ଞ ଓ ଘୃତଯଜ୍ଞ କରାଯାଇ ଗ୍ରାମର ମୃତ୍ତିକା ଆଣି ଆସିକାଠାରେ ହେବାକୁ ଥିବା ମହାଯଜ୍ଞରେ ସ୍ଥାପନ କରାଯିବ। ୧୦୮ଜଣ ସଦସ୍ୟଙ୍କୁ ନେଇ ଏକ ପରିଚାଳନା କମିଟି, ଷ୍ଟିୟରିଂ କମିଟି ଓ ପରାମର୍ଶଦାତା କମିଟି ଗଠନ କରାଯାଇଛି। ଉପ ଜୋନ୍ ପ୍ରଭାରୀ ଡାକ୍ତର ବୃନ୍ଦାବନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ରାଜ୍ୟ ପ୍ରଭାରୀ ବାଳକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆସିକା ଗାୟତ୍ରୀ ପରିବାରର ଜ୍ୱାଲାପ୍ରସାଦ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମୋ ନିବେଦନ, ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

**ଶେରଗଡ,୨୬।୧୦(ଡି.ଏନ.ଏ.)**



ଅଭିଯୋଗ ଶୁଣାଣି ଚାଲିଛି।

ଶେରଗଡ ବ୍ଲକ ଠୁରୁବୁରାଇଠାରେ ମୋ ନିବେଦନ ଓ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ମୋ ନିବେଦନ କାର୍ଯ୍ୟକ୍ରମରେ ଠୁରୁବୁରାଇ ପଞ୍ଚାୟତର ମୋଟ ୪୫ଟି ଅଭିଯୋଗ ଆସିଥିଲା। ସରପଞ୍ଚ ଟୁକୁନି ସେଠୀ ଏବିଡିଓ ଅରୁଣ କୁମାର ପ୍ରଧାନ, ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ବେହେରା ରହି ଅଭିଯୋଗ ଶୁଣିଥିଲେ। ଅଭିଯୋଗଗୁଡିକ ସମ୍ପୃକ୍ତ ବିଭାଗକୁ ପଠାଇ ସମାଧାନ ବ୍ୟବସ୍ଥା କରାଯିବ ବୋଲି ବିଡିଓ ସାହୁ କହିଥିଲେ। ଜିପିଓ ବିନାୟକ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଉକ୍ତ ପଞ୍ଚାୟତରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଡ. ଦୟାସିନ୍ଧୁ ପରିଡାଙ୍କ ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ସଂଯୋଜନା କରିଥିଲେ। ମୋଟ ୧୦୦ଟି ଅଭିଯୋଗ ଆସିଥିବାବେଳେ ୪ଜଣଙ୍କୁ ପଟ୍ଟା, ୮ଜଣଙ୍କୁ ପ୍ରମାଣପତ୍ର ବଣ୍ଟା ଯାଇଥିଲା। ସେହିଠାରେ ୨୮ଟି ଅଭିଯୋଗର ସମାଧାନ କରାଯାଇଥିଲା। ମୋଟ ୬ଟି ଗ୍ରାମର ଲୋକମାନେ ରେଜିଷ୍ଟ୍ରେସନ କରିଥିଲେ। ସୁପରଭାଇଜର ପି ପଞ୍ଚମା, ଆର୍‌ଆଇ ମନୋଜ କୁମାର ନାହାକଙ୍କ ସମେତ ବହୁ ଆର୍‌ଆଇ ଯୋଗ ଦେଇଥିଲେ।

# ଇଗ୍ନୁ ଭଞ୍ଜନଗର ପାଠ୍ୟକେନ୍ଦ୍ରର ପ୍ରବେଶ ଉତ୍ସବ

**ଭଞ୍ଜନଗର,୨୬।୧୦(ଡି.ଏନ.ଏ)**



ମଞ୍ଚାସୀନ ଅତିଥି।

ଭଞ୍ଜନଗର ଇଗ୍ନୁ ପାଠ୍ୟ କେନ୍ଦ୍ରର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ସହ ନିର୍ଦ୍ଦେଶକ ଡ. ବିଜୟ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଇଗ୍ନୁ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ କହିଥିଲେ। ପାଠ୍ୟକେନ୍ଦ୍ରର ସଂଯୋଜକ ପ୍ରାଧ୍ୟାପକ ଦାମୋଦର ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଯୁକ୍ତ୨ ବୈଷୟିକ ଶିକ୍ଷା କେନ୍ଦ୍ର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ବିନୋଦ ଚନ୍ଦ୍ର ଦାସ, ପ୍ରାଧ୍ୟାପକ ସୁକାନ୍ତ କୁମାର ମିଶ୍ର, ଆର. କେ. ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ କହିଥିଲେ। ଅଧ୍ୟାପିକା ସୁନିତାରାଣୀ ଖଣ୍ଡୁଆଳ, ସ୍ମରଣିକା ପାଢ଼ୀ, ସସ୍ମିତା ଦାସ,ଅଧ୍ୟାପକ ରବୀନ୍ଦ୍ର ମିଶ୍ର, ମୁଖ୍ୟ କିରାଣି ଏସ୍.ଛାୟା ରାଓ, କୈଳାସ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ବାହୁଦା ମୁହାଣରେ ଗ୍ରାମବାସୀ କଲେ ପୂଜାର୍ଚ୍ଚନା

# ଖୋଲାଗଲା ପୋତି ହୋଇଥିବା ନଦୀ ମୁହାଣ

**ଚିକିଟି,୨୬।୧୦(ଡି.ଏନ.ଏ.)**


ବାହୁଦା ମୁହାଣରେ ଗ୍ରାମବାସୀଙ୍କ ପୂଜାର୍ଚ୍ଚନା।

ଚିକିଟି ବ୍ଲକ ସୁନୁପୁର ଗ୍ରାମସ୍ଥିତ ବାହୁଦା ନଦୀ ମୁହାଣ ଦିନକୁ ଦିନ ପୋତି ହୋଇଯାଉଛି। ପ୍ରତିବର୍ଷ ମୁହାଣ ଖୋଳିବା ଲାଗି ପଦକ୍ଷେପ ନିଆଯାଇଛି। ଚଳିତବର୍ଷ ମୁହାଣ ଖୋଳିବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ସକାଳେ ଗ୍ରାମବାସୀଙ୍କ ଉଦ୍ୟମରେ ମୁହାଣ ଖୋଲାକାମ ଆରମ୍ଭ ହୋଇଛି। ପ୍ରତିବର୍ଷ ଭଳି ପୂଜାପାଠ ପରେ ମୁହାଣ ଖୋଲାଯାଇଥିଲା। ସୂଚନାଯୋଗ୍ୟ, ସୁନୁପୁର ନିକଟରେ ଥିବା ସମୁଦ୍ରଜଳ ବାହୁଦା ମୁହାଣକୁ ପଶିଆସୁଛି। ବାହୁଦା ନଦୀର ଜଳ ଏବଂ ସମୁଦ୍ରର ଜଳ ମିଶି ପଟୁ ମାଡି ଯାଇ ମୁହାଣ ପୋତିହୋଇଯାଉଛି। ତେଣୁ ଉଦ୍‌ବୃତ୍ତ ଜଳ ଆଖପାଖ ସୁନୁପୁର, ରାମେୟାପାଟଣା, ପାଟିସୁନୁପୁର, ସୁବାଣି, ସୋରଳ, କତୁରୁ ଆଦି ଗ୍ରାମ ପ୍ରତି ବିପଦର କାରଣ ସାଜୁଛି। ଏପରିକି ମତ୍ସ୍ୟଜୀବୀ ମାନଙ୍କ ଜିବୀକା ଏବଂ ଧନଜୀବନ ପ୍ରତି ବିପଦ ସାଜିଛି। ଏଥିପ୍ରତି ପ୍ରଶାସନ ଅବଗତ ଥିଲେ ମଧ ଏହାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ହଷ୍ଟେଲ ଛାତରୁ ଡେଇଁଲେ ଛାତ୍ରୀ

■ଭାଙ୍ଗିଲା ଗୋଡ଼, ଉଦ୍ଧାର କଲେ ଲୋକେ
■ଟାୟାର ଜାଳି ରାସ୍ତା ଅବରୋଧ

**ଦିଗପହଣ୍ଡି,୨୬।୧୦(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗାଁରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନ ହଷ୍ଟେଲ ଛାତରୁ ଜଣେ ୯ମ ଶ୍ରେଣୀ ଛାତ୍ରୀ ଶୁକ୍ରବାର ବିଳମ୍ବିତ ରାତିରେ ଡେଇଁ ପଡ଼ିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଛି। ବହୁ କଷ୍ଟରେ ହଷ୍ଟେଲ ପାଖରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ ପହଞ୍ଚିଥିଲେ। ଖବର ପ୍ରଚାରିତ ହେବା ପରେ ସାହିବାସିନ୍ଦା ହଷ୍ଟେଲରେ କୌଣସି ଘଟଣା ଘଟିଥିବା ସନ୍ଦେହ କରି ଗ୍ରାମବାସୀଙ୍କ ସହାୟତାରେ ରାସ୍ତାରେ ଟାୟାର ଜାଳି ସକାଳ ସାଢ଼େ ୭ରୁ ୯ଟା ଯାଏ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା।


ଗ୍ରାମବାସୀଙ୍କ ରାସ୍ତା ଅବରୋଧ।

ପ୍ରକାଶ ଯେ, ପାରଳାଖେମୁଣ୍ଡି ଅଞ୍ଚଳର ଜଣେ ଛାତ୍ରୀ ଉକ୍ତ ହଷ୍ଟେଲରେ ରହି ପଢୁଛନ୍ତି। ଆସନ୍ତା ୩ ତାରିଖରେ ତାଙ୍କ ଜନ୍ମଦିନ। ଦେହ ଭଲ ନ ଥିବାରୁ ସେ ଘରକୁ ଯିବା ପାଇଁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ କହିଥିଲେ। କିନ୍ତୁ ଛୁଟି ନ ଦେବାରୁ ଏଭଳି ନିଷ୍ପତ୍ତି ନେଇଥିବା ଛାତ୍ରୀ ଜଣକ ପୋଲିସକୁ କହିଛନ୍ତି। ଛାତ୍ରୀଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟାରେ ତହସିଲଦାର, ବିଡିଓ ହଳଧର ଶବର, ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ଥାନାଧିକାରୀ ବସନ୍ତ କୁମାର ସେଠୀ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ପହଞ୍ଚି ଛାତ୍ରୀଙ୍କ ମା' ଓ ଶିକ୍ଷାନୁଷ୍ଠାନ ପରିଚାଳନା କମିଟି କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ହଷ୍ଟେଲ କୋଠାକୁ ଯାଇ ସବିଶେଷ ତଦନ୍ତ କରି ଫେରିଛନ୍ତି। ଶିକ୍ଷାନୁଷ୍ଠାନ ପରିଚାଳନାରେ ଗୁରୁତର ଅନିୟମିତତା କରାଯାଉଥିବା ଜନସାଧାରଣ କହିବା ସହ ତଦନ୍ତ ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସମସ୍ତ ଅଭିଯୋଗକୁ ଶିକ୍ଷାନୁଷ୍ଠାନ ପରିଚାଳନା କର୍ତ୍ତୃପକ୍ଷ ମାନଗଢା ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି।




■ ଆଦିବାସୀ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

# ୪୫ ଜଣଙ୍କ ମ୍ୟାଲେରିଆ ପଜିଟିଭ

**ପାତ୍ରପୁର,୨୬।୧୦(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଆଦିବାସୀ ଅଞ୍ଚଳରେ ଥିବା ବିଦ୍ୟାପୀଠଗୁଡିକରେ ଶୁକ୍ରବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ତୁମ୍ବା ଗୌଡୁଣୀ ଆଶ୍ରମ ସ୍କୁଲର ୩୧୭ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୨୬ ଜଣଙ୍କ ରକ୍ତରେ ମ୍ୟାଲେରିଆ ଭୂତାଣୁ ଥିବା ଜଣାପଡିଛି। ସେହିପରି ଲୋକାସାହି କନ୍ୟାଶ୍ରମରେ ୩୨୭ ଜଣ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ୧୭ ଜଣଙ୍କ ରକ୍ତରେ ଭୂତାଣୁ ଚିହ୍ନଟ ହୋଇଛି। ବୁରାତାଲ ଆଦିବାସୀ ବିଦ୍ୟାପୀଠରେ ୯୨ ଜଣଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨ ଜଣଙ୍କୁ ମ୍ୟାଲେରିଆ ହୋଇଥିବା ଜଣାପଡିଥିଲା। ଡୁରୁବୁଡିସ୍ଥିତ ଛାତ୍ରୀ ନିବାସରେ ୫୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଗନ୍ତ ମହାନ୍ତି, ଜୟଦେବ ବେହେରା, ଦୀପକ ମହାପାତ୍ର, ବୃନ୍ଦାବନ ନାୟକ, ସମ୍ପାରୁ ନାୟକ ଓ ଆୟୁଷ ଟିମ୍ ସହଯୋଗ କରିଥିଲେ।

# ସିଟି ବସ୍ ଧକ୍କାରେ କନ୍‌ଷ୍ଟେବଲ ଗୁରୁତର


ଦୁର୍ଘଟଣାସ୍ଥଳରେ ଲୋକଙ୍କ ଗହଳି।

**ଗୋପାଳପୁର,୨୬।୧୦**

ଆମ୍ବପୁଆ ଓ ଖୋଡ଼ାସିଙ୍ଗି ରାସ୍ତାରେ ଶନିବାର ପୂର୍ବାହ୍ନରେ ସିଟି ବସ ଧକ୍କାରେ ଜଣେ କନଷ୍ଟେବଳ ଗୁରୁତର ହୋଇଛନ୍ତି। ସେ ହେଲେ ଗଞ୍ଜାମ ପୋଲିସ ଜିଲା ରିଜର୍ଭ ବାଟାଲିୟନର ମନୋରଞ୍ଜନ ନାୟକ। ପ୍ରକାଶ ଯେ, ବ୍ରହ୍ମପୁର ପୋଲିସ ଜିଲା ଆମ୍ବପୁଆ ରିଜର୍ଭ କଲୋନୀରୁ ବାହାରି ମନୋରଞ୍ଜନ ବୁଲେଟ ଯୋଗେ ବିନା ହେଲମେଟରେ ପଣ୍ଡା କଲୋନୀ ଅଭିମୁଖେ ଯାଇଥିଲେ। ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ନିକଟ ଦେଇ ଆସୁଥିବାବେଳେ ରଙ୍ଗରୁଟରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ସିଟିବସ ତାଙ୍କୁ ଧକ୍କା ଦେଇଥିଲା। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ଅନ୍ୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମନୋରଞ୍ଜନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ବିଶାଖାପାଟନମ୍ ସ୍ଥାନାନ୍ତର କରାଯାଇଛି। ଗୋପାଳପୁର ପୋଲିସ ନଂ.୧୨୭/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାଗ୍ରସ୍ତ ସିଟିବସ୍ ଓ ବୁଲେଟକୁ ପୋଲିସ ଜବତ କରିଛି। ବିଭିନ୍ନ ସମୟରେ ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟୁଥିବାରୁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ୧୮୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ମୋହନା,୨୬।୧୦(ଡି.ଏନ୍.ଏ.)**

ମୋହନା ପୋଲିସ ଚୋରା ଚାଲାଣବେଳେ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଭାଲିଆଗୋଚ୍ଛା ଗ୍ରାମର ଥୋମାସ ନାହାକ। ମୋହନା ଏସ୍ଆଇ ହେମନ୍ତ ସେଠୀ ସଦଳବଳ ପାଟ୍ରୋଲିଂ କରୁଥିବାବେଳେ ଭୋରରେ ଜଣେ ବ୍ୟକ୍ତି ରାସ୍ତା କଡରେ ଛିଡା ହୋଇଥିବା ଦେଖିଥିଲେ। ତାଙ୍କୁ ପଚରାଉଚରାବେଳେ ନିକଟରେ ଏକ ବୁଦା ମୂଳରେ ଜରିବସ୍ତା ପଡିଥିବା ଦେଖିଥିଲେ। ସନ୍ଦେହ ହେବାରୁ ପୋଲିସ ବସ୍ତାଗୁଡିକ ଯାଞ୍ଚ କରିଥିଲା। ସେଥିରେ ଗଞ୍ଜେଇ ଥିବା ଜଣା ପଡିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରି ଥାନାକୁ ନେଇଥିଲେ। ବସ୍ତାଗୁଡିକ ଓଜନ ପରେ ଏଥିରେ ୧୮୦ କେଜି ଗଞ୍ଜେଇ ଥିବା ଜଣାପଡିଥିଲା। ନଂ.୧୮୯/୧୯ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

■ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ର

# ମୁଖ୍ୟ ଦଲାଲଙ୍କୁ ଧରିବାରେ ପୋଲିସ ବିଫଳ

**କବିସୂର୍ଯ୍ୟନଗର,୨୬।୧୦**

କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଦଲାଲଗିରି କରୁଥିବା ଅଭିଯୋଗରେ ଗତ ୫ ତାରିଖରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ନଂ. ୨୩୯/୧୯ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଫେରାର୍ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ବର୍ତ୍ତମାନ ଯାଏ ପୋଲିସ ଧରିବାରେ ବିଫଳ ହୋଇଛି। ଅନ୍ୟପଟେ ମୁଖ୍ୟ ଦଲାଲ ହାଇକୋର୍ଟରୁ ଜାମିନ ଆଣି ଖସିଯିବାକୁ ଚେଷ୍ଟା ଚଳାଇଛି। ମାଷ୍ଟର ମାଇଣ୍ଡ ଏହି ଅଞ୍ଚଳରେ ବୁଲୁଥିବାବେଳେ ପରୋକ୍ଷରେ ଔଷଧ ବିକ୍ରି ଚଳାଇଥିବା ଦେଖିବାକୁ ମିଳିଛି। ଫଳରେ ୫-ଟି ଯୋଜନା ପ୍ରହସନ ପାଲଟିଛି। ଏ ନେଇ ଆଇଆଇସି ତପନ କୁମାର ପତି ଓ ଏସ୍‌ଡିପିଓ ନିମାଇଁ ଚରଣ ସେଠୀଙ୍କୁ ପଚାରିବାରୁ ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି କହିଛନ୍ତି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ